# ତଟାଞ୍ଚଳରେ ୭ ନଦୀକୁ ସଂଯୋଗ ଚିନ୍ତା

■ ଜିଲାର ୫୫ଟି ପଞ୍ଚାୟତ ବନ୍ୟାରେ ପ୍ରଭାବିତ ହେଉଛି
■ ଲୁଣା ତଟବନ୍ଧରେ ପଥର ପ୍ୟାକିଂ ଖସୁଛି
■ ବର୍ଷା ପୂର୍ବରୁ ନଦୀବନ୍ଧ ମରାମତି ପାଇଁ ଦାବି


ଲୁଣାନଦୀର ପଥରପ୍ୟାକିଂ ଖସିଛି ।

କେନ୍ଦ୍ରାପଡ଼ା ଅଫିସ, ୨୮।୧

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅଞ୍ଚଳର ଗୋବିନ୍ଦପୁର, ଡିମିରିପାଳ, ପେଟପଡା, ସଂସିଧା, ଏରଡଙ୍ଗ, ଦେସାହି, ପାଳମୀ, କେତୁଆପାଳ ଆଦି ୧୦ ପଞ୍ଚାୟତକୁ କାଣୀ, ଖରସ୍ରୋତା, ବ୍ରାହ୍ମଣୀ ନଦୀ ଘେରି ରହିଛି। ବାଳକାଟି, କୋଳଡିହ ଓ ମହୁ ଗ୍ରାମକୁ ଖରସ୍ରୋତା ଗିଳି ଚାଲିଛି। ଚୂନବନ୍ଧଠାରୁ ସାନଆଙ୍କୋ, ପତ୍ରପୁରଠାରୁ ଗୋପାଳପୁର, ଟୁଙ୍ଗାଠାରୁ ବଉଳଯୋଡ଼ି ନଦୀବନ୍ଧ ପଥରପ୍ୟାକିଂ ହୋଇଥିଲେ ମଧ୍ୟ ଶୋଚନୀୟ ଅବସ୍ଥାରେ ଅଛି। କେବଳ ଆଳି ବ୍ଲକ ଅଞ୍ଚଳରେ ଏହି ନଦୀବନ୍ଧ ସମସ୍ୟା ଦେଖାଯାଇନାହିଁ। ଜିଲାର ୭ ନଦୀ ଓ ୨୭ ଶାଖା କେନାଲ ବନ୍ଧର ଦୁରବସ୍ଥା ସ୍ଥାନୀୟ ଗ୍ରାମବାସୀଙ୍କୁ ଆତଙ୍କିତ କରିଥିବା ବେଳେ ଚାଷ ନଷ୍ଟ କରୁଛି। ନଦୀଗୁଡ଼ିକରେ ପ୍ରତିବର୍ଷ ବନ୍ୟାଜଳ ଆସି ଜିଲାର ଉପାନ୍ତ ଅଞ୍ଚଳରେ ଥିବା ୫୫ଟି ପଞ୍ଚାୟତବାସୀଙ୍କ ଜୀବନଯାତ୍ରାରେ ବାଧା ସୃଷ୍ଟି କରୁଛି। ପ୍ରଶାସନ ପକ୍ଷରୁ ଏହି ନଦୀବନ୍ଧକୁ ବର୍ଷାଦିନେ ମରାମତି କରାଯାଉଥିବାରୁ ସ୍ଥାନୀୟ ଜନସାଧାରଣ ଏହାକୁ ବିରୋଧ କରୁଛନ୍ତି। ଲୁଣା ତଟବନ୍ଧରେ ପଥର ପ୍ୟାକିଂ ଖସିଯାଉଥିବାରୁ ସମୁଦ୍ର ମାଡ଼ି ଆସିବା ଭୟ ସେମାନଙ୍କୁ ଆତଙ୍କିତ କରୁଛି। ମେ ମାସ ସୁଦ୍ଧା ସମସ୍ତ ନଦୀ, କେନାଲ ବନ୍ଧ ମରାମତି କାର୍ଯ୍ୟ ସାରିବା ଓ ସମୁଦ୍ରରେ ପଡ଼ିଥିବା ୭ ନଦୀକୁ ଏକ ବୃହତ୍ କେନାଲ ମାଧ୍ୟମରେ ସଂଯୋଗୀକରଣ କରି ବନୀକରଣକୁ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀ ଓ ପରିବେଶବିତ୍‌ମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କୁହନ୍ତି, କେନ୍ଦ୍ରାପଡ଼ା ଜିଲାରେ ଜଳ ସମ୍ପଦ ବିଭାଗର ୩ ଡିଭିଜନ ସହ ଆଳି ତଟବନ୍ଧ କାର୍ଯ୍ୟାଳୟ ଅଛି। ଏହି କାର୍ଯ୍ୟାଳୟ ମାଧ୍ୟମରେ ଜିଲାରେ ଥିବା ନଦୀ ଓ କେନାଲର ପରିଚାଳନା ହେଉଛି। ସେହିପରି ଜିଲାର ଶେଷ ମୁଣ୍ଡରେ ଥିବା ୪୮ କିଲୋମିଟର ଲମ୍ବର ସମୁଦ୍ର ତଟର ସୁରକ୍ଷା ଦାୟିତ୍ୱ ନେଇଛନ୍ତି। ଏହାସତ୍ତ୍ୱେ କ୍ଷେତ ପାଇଁ ଜଳ ପରିଚାଳନା ଜିଲାର ବଡ଼ ସମସ୍ୟା ହୋଇଛି। ସେହିପରି ପ୍ରତିବର୍ଷ ବନ୍ୟା ଭୟରେ ୫୫ଟି ପଞ୍ଚାୟତବାସୀ ଆତଙ୍କିତ ହେଉଛନ୍ତି। ନଦୀବନ୍ଧର ସୁଦୃଢ଼ୀକରଣ ପାଇଁ ବର୍ଷାଦିନକୁ ଛାଡ଼ି ଅନ୍ୟ ଋତୁରେ କାର୍ଯ୍ୟ ହୋଇପାରନ୍ତା। ତେବେ ବିଭାଗୀୟ ଅଧିକାରୀ ବର୍ଷାଦିନ ଆରମ୍ଭରେ ଦୁର୍ବଳ ଚିହ୍ନିତ ନଦୀବନ୍ଧରେ ମାଟି ଓ ବାଲି ପକାଇ ଅର୍ଥ ଲୁଟୁଛନ୍ତି। ଯୋଜନାର ଅର୍ଥ ଖର୍ଚ୍ଚ ସତ୍ତ୍ୱେ ସମସ୍ୟାର ସମାଧାନ ହେଉନାହିଁ। ଏବେଠାରୁ ବନ୍ୟା ପ୍ରପୀଡ଼ିତ ଅଞ୍ଚଳକୁ ଚିହ୍ନଟୀକରଣ ସହ ଆସନ୍ତା ମେ ମାସ ସୁଦ୍ଧା ବନ୍ଧ ସୁଦୃଢ଼ୀକରଣ ପାଇଁ ସେ ଦାବି କରିଛନ୍ତି। ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି ଓ ପରିବେଶବିତ ହେମନ୍ତ କୁମାର ରାଉତ କୁହନ୍ତି, ନଦୀ ଜଳ ପରିଚାଳନା ଜିଲାର ବଡ଼ ସମସ୍ୟା ହୋଇଛି। ସମୁଦ୍ର ମୁହାଣ ପୋତି ହେଉଛି। ଏହାକୁ ଡ୍ରେଜିଂ କରା ନ ଯିବାରୁ ବନ୍ୟା ସମୟରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇପାରୁନାହିଁ। ଏହା ବ୍ୟତୀତ ଜାନୁୟାରୀଠାରୁ ନଦୀଗୁଡ଼ିକ ଶୁଖିବା ଆରମ୍ଭ ହେଉଛି। ଫଳରେ ସ୍ଥାନୀୟ ଚାଷ ସହ ହେନ୍ତାଳବଣ ନଷ୍ଟ ହେଉଛି। ହେନ୍ତାଳବଣ ନଷ୍ଟ ଫଳରେ ତଟକ୍ଷୟ ଏକ ବଡ ସମସ୍ୟା ହୋଇଛି। ନିକଟରେ ସାତଭାୟାବାସୀ ୧୫ କିଲୋମିଟର ଦୂର ବଗପାଟିଆକୁ ସ୍ଥାନାନ୍ତର ହୋଇଛନ୍ତି। ଜିଓ ସିନ୍ଥେଟିକ ଟ୍ୟୁବୱାଲ ଜୁଆର ମାଡକୁ ସହି ପାରୁନାହିଁ। ଏଥିପାଇଁ ସମୁଦ୍ରର ୧୫ କିଲୋମିଟର ଦୂରରେ ନଦୀରେ ଶେଷ ମୁଣ୍ଡକୁ ଯୋଡି ତଟାଞ୍ଚଳରେ ଏକ ବୃହତ୍ କେନାଲ ଖୋଳାଯିବା ଆବଶ୍ୟକ ହୋଇଛି। ଏହାଦ୍ୱାରା ଖରାଦିନେ ଆବଶ୍ୟକ ପରିମାଣର କ୍ଷେତ ଓ ଜାତୀୟ ଉଦ୍ୟାନ ଭିତରକନିକାକୁ ମଧୁର ଜଳ ଛଡା ଯାଇପାରିବ। ସେହିପରି ନଦୀ, ନାଳରେ ବ୍ୟାରେଜ ଓ କ୍ରିକ ବନ୍ଧ ପାଇଁ ସେମାନେ ମତ ରଖିଛନ୍ତି। ଏ ସମ୍ପର୍କରେ ଜିଲା ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଚଳିତବର୍ଷ ପାଇଁ ଦୁର୍ବଳ ନଦୀବନ୍ଧର ସ୍ଥାନ ଚିହ୍ନଟ ହୋଇଛି। ଖରାଦିନ ମଧ୍ୟରେ ଏହାର ମରାମତି ହୋଇଯିବ। ୭ ନଦୀ ସଂଯୋଗୀକରଣ ସମ୍ପର୍କରେ ଅଦ୍ୟାବଧି କୌଣସି ପ୍ରସ୍ତାବ ନାହିଁ। ସ୍ଥାନ ଚିହ୍ନଟ, ଲୋକଙ୍କ ବିସ୍ଥାପନ, ପରିବେଶ ଓ ପରିସ୍ଥିତି ଅନୁଧ୍ୟାନ ପରେ ଏପରି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇପାରିବ ବୋଲି ସେ କହିଛନ୍ତି।

## ଆବାସ ତାଲିକା ଚୟନରେ ଜାଲିଆତି ଅଭିଯୋଗ ଆଣିଲା ସରପଞ୍ଚ ସଂଘ


ସରପଞ୍ଚ ସଂଘ ବୈଠକରେ ଯୋଗଦେଇଥିବା ଜନପ୍ରତିନିଧି ।

ବାଲିକୁଦା, ୨୮।୧(ସ୍ୱ.ପ୍ର.)

ବାଲିକୁଦା ବ୍ଲକର ୩୦ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ତାଲିକା ଚୟନରେ ବ୍ୟାପକ ଜାଲିଆତି କରାଯାଇଥିବା ନେଇ ସରପଞ୍ଚ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଉପଲକ୍ଷେ ସଂଘ ପକ୍ଷରୁ ଏକ ବୈଠକ ବନ୍ଦରଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ପ୍ରଶାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସରକାର ଗ୍ରାମାଞ୍ଚଳର ଉନ୍ନତି ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥା କରିଛନ୍ତି । ଏହି ବ୍ୟବସ୍ଥା ମଧ୍ୟରେ ସରପଞ୍ଚଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ମାତ୍ର ପଞ୍ଚାୟତରେ ଚଳିତ ବର୍ଷ ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ତାଲିକା ସରପଞ୍ଚମାନଙ୍କ ଅଗୋଚରରେ ହେବା ଦୁର୍ଭାଗ୍ୟପୂର୍ଣ୍ଣ ଓ ନିନ୍ଦନୀୟ ବୋଲି ସଂଘର ସମ୍ପାଦକ ରାଜକିଶୋର ସାହୁ କହିଛନ୍ତି। ଏହି ବୈଠକରେ ସରପଞ୍ଚ ମଧୁଛନ୍ଦା ସ୍ୱାଇଁ, ସୁବ୍ରତ କୁମାର ମହାନ୍ତି, ଉର୍ମିଳା ସାହୁ, ଅରୁଣ ବେହେରା, ମୋନାଲିସା ତରାଇ, ସରୋଜିନୀ ସେଠୀ ସମେତ ୩୦ ପଞ୍ଚାୟତର ସମସ୍ତ ସରପଞ୍ଚ ଉପସ୍ଥିତ ଥିଲେ ।

## ଚୋରି ସାମଗ୍ରୀ, ଟଙ୍କା ଜବତ: ଜଣେ ଗିରଫ

ଧର୍ମଶାଳା, ୨୮।୧(ଡି.ଏନ.ଏ. ):

ଜେନାପୁର ଥାନା ଅନ୍ତର୍ଗତ କମାଗଡ଼ ରେଲଲାଇନ ସାଇଡରେ ମୋବାଇଲ ଫୋନ ଓ ଟଙ୍କା ଚୋରି ଅଭିଯୋଗରେ ପୋଲିସ ଜଣେ ଯୁବକକୁ ଗିରଫ କରିବା ସହ ତାଙ୍କଠାରୁ ୬ ହଜାର ଟଙ୍କା ଏବଂ ମୋବାଇଲ ଫୋନ ଜବତ କରିଛି। ସୂଚନା ମୁତାବକ, କନ୍ଧମାଳ ଅଞ୍ଚଳର ଯୁବକ ଶ୍ରୀକାନ୍ତ ନାୟକ କମାଗଡ ରେଳ ଧାରଣା କାମକରୁଥିବା ଠିକାଦାର ପାଖରେ ରହିକାମ କରୁଥିବା ବେଳେ ଗତ ୨୬ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଘାସିବର ଗ୍ରାମର ହିରା ବାରିକ (୨୭)ତାଙ୍କୁ ମାରଣାସ୍ତ୍ର ଦେଖାଇ ମୋବାଇଲ ଫୋନ ଓ ୮ ହଜାର ଟଙ୍କା ଛଡାଇ ନେଇଥିଲେ। ଏନେଇ ଶ୍ରୀକାନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୩୦/୨୩ରେ ଏକ ମାମଲା ରୁଜୁ କରିବା ସହ ହିରାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ହିରାଙ୍କ ନାମରେ ଧର୍ମଶାଳା, ବଡ଼ଚଣା ଓ କଳିଙ୍ଗନଗର ଥାନାରେ ଏକାଧିକ ମାମଲା ରହିଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ ଶନିବାର ଚଣ୍ଡିଖୋଲ କୋର୍ଟଚାଲାଣ କରାଯାଇଛି।

## ଭାଜପା ପାଇଁ ବିଆର୍‌ଏସ୍ ଆଦୌ ବିପଦ ନୁହେଁ: ଅପରାଜିତା

କେନ୍ଦ୍ରାପଡ଼ା ଅଫିସ, ୨୮।୧

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍)ରେ ଓଡ଼ିଶାର ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ କୋରାପୁଟ ଏମ୍‌ପି ଜୟରାମ ପାଙ୍ଗି, ପୂର୍ବତନ ବିଧାୟକ ନବୀନ ନନ୍ଦ, ଦେବରାଜ ସେଠୀ, ରାଘବ ସେଠୀ, ବୃନ୍ଦାବନ ମାଝୀ, ସୂଚନା ଅଧିକାର ଅଭିଯାନ ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, କୃଷକ ନେତା ଅକ୍ଷୟ କୁମାର, ଶେଷଦେବ ନନ୍ଦ ପ୍ରମୁଖ । ତେବେ ବିଆର୍‌ଏସ୍ ଭାଜପା ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଶନିବାର କହିଛନ୍ତି । ପୂର୍ବାହ୍ନରେ ଏମ୍‌ପି ଷଡ଼ଙ୍ଗୀ କେନ୍ଦ୍ରାପଡ଼ା ଜିଲା ଗସ୍ତ କରିଥିଲେ। ଚାନ୍ଦୋଳଠାରୁ ଇଚ୍ଛାପୁରସ୍ଥିତ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପର୍ଯ୍ୟନ୍ତ ତାଙ୍କୁ ଭାଜପା କର୍ମୀମାନେ ସମ୍ବର୍ଦ୍ଧନା ଦେଇଥିଲେ। ଶ୍ରୀଜୀଉଙ୍କ ଦର୍ଶନ ପରେ ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ଏହି ଅବସରରେ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ନିକଟରେ ଦେଶର ବିଭିନ୍ନ ସ୍ଥାନରେ ନିର୍ବାଚନ ହୋଇଛି। ଗୁଜରାଟରେ ୧୫୬ ସିଟ୍ ଜିତି ଭାଜପା ନିଜର ସ୍ଥିତିକୁ ସୁଦୃଢ଼ କରିଛି। ଓଡ଼ିଶାରେ ମଧ୍ୟ ଦଳୀୟ ସାଙ୍ଗଠନିକ ଶକ୍ତି ବୃଦ୍ଧିକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଚାଲିଥିବା ବେଳେ ବିଆରଏସ୍ ପରି ରାଜନୈତିକ ଦଳ ଭାଜପାର କୌଣସି କ୍ଷତି ଘଟାଇ ପାରିବ ନାହିଁ। ଏହି ଅବସରରେ ମେଡିକାଲ କଲେଜ ସ୍ଥାପନ, ଯାତ୍ରୀବାହୀ ରେଳ ଚଳାଚଳ, ଜିଲା ସ୍ୱାସ୍ଥ୍ୟ ସେବା ପାଇଁ କର୍ମଚାରୀ ନିୟୋଜନ ଆଦି ଜିଲାର ଦାବିକୁ ସେ ସମର୍ଥନ ଜଣାଇଥିଲେ। ସେହିପରି ଭିତରକନିକାକୁ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବାକୁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରି ନ ଥିବା ମତ ଦେଇଛନ୍ତି। ଏଥିସହିତ ଶ୍ରୀ ବଳଦେବଜୀଉ ମନ୍ଦିର ପାଇଁ ମଞ୍ଜୁର ଅର୍ଥରେ ଉନ୍ନୟନ କାର୍ଯ୍ୟ ହୋଇ ନ ଥିବାରୁ ରାଜ୍ୟ ସରକାରଙ୍କ ଅପାରଗତାକୁ ସେ ଦାୟୀ କରିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅନିଲ


@ ବିଷ୍ଣୁପ୍ରିୟା


@ ଶାନ୍ତିଲତା


@ ସ୍ନେହାଶିଷ


@ ତପସ୍ୱିନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବାହାରିନ୍‌ରୁ ଉଚ୍ଚଶିକ୍ଷିତା ଓଡ଼ିଆ ମହିଳା ଉଦ୍ଧାର



ଓଡ଼ିଶା ମୋ ପରିବାର ସଦସ୍ୟଙ୍କ ଗହଣରେ ଉଦ୍ଧାର ହୋଇଥିବା ମହିଳା ।

ଭୁବନେଶ୍ୱର, ୨୮।୧(ବ୍ୟୁରୋ)

ଓଡ଼ିଶାର ବହୁ ଉଚ୍ଚଶିକ୍ଷିତା ମହିଳା ଓ ପୁରୁଷ ବିଭିନ୍ନ ନିଯୁକ୍ତି ବିଜ୍ଞାପନକୁ ବିଶ୍ୱାସ କରି ଠିକ୍ ବିଚାର ନ କରି ଚାକିରି କରିବା ପାଇଁ ଦେଶ ବାହାରକୁ ଚାଲିଯାଉଛନ୍ତି। କିନ୍ତୁ ତାହା ସେମାନଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରୁଛି। ସେଠାକୁ ଯିବା ପରେ ମାନସିକ ଓ ଶାରୀରିକ ଅତ୍ୟାଚାରର ଶିକାର ହେଉଛନ୍ତି। ଏପରି କି ଦିଆଯାଉଥିବା ଭିଜା ଓ ଅନ୍ୟାନ୍ୟ କାଗଜପତ୍ର ଠିକ୍ ନ ଥିବାରୁ ଗିରଫ ମଧ୍ୟ ହେଉଛନ୍ତି। ବାହାରିନ୍‌ରେ ଏମିତି ସମସ୍ୟାର ସମ୍ମୁଖୀନ ହୋଇଥିବା ଜଣେ ଉଚ୍ଚଶିକ୍ଷିତା ମହିଳାଙ୍କୁ ଓଡ଼ିଶା ମୋ ପରିବାର ସହାୟତାରେ ଉଦ୍ଧାର କରାଯାଇ ଓଡ଼ିଶା ଅଣାଯାଇଛି। ସେ ହେଲେ ଯାଜପୁର ଜିଲାର ୪୩ ବର୍ଷୀୟା ମହିଳା ସିପ୍ରା ସାହୁ। ସେ ଗତ ଦୁଇମାସ ପୂର୍ବେ ଏକ ଚାକିରି ସନ୍ଧାନରେ ବାହାରିନକୁ ଯାଇଥିଲେ। ସେଠାରେ କମ୍ପାନୀ ମାଲିକ ତାଙ୍କ ଉପରେ ଅତ୍ୟାଚାର କରିଥିଲେ। ତେଣୁ ସେ ସେଠାରୁ ମୁକ୍ତହୋଇ ଓଡ଼ିଶା ଫେରି ଆସିବାକୁ ମନ ବଳାଇଥିଲେ। ହେଲେ ତାଙ୍କ ଭିଜା ଅବଧି ଶେଷ ହୋଇଯାଇଥିବାରୁ ସେ ନବୀକରଣ କରିବା ପାଇଁ ଇମିଗ୍ରେଶନ୍ ବିଭାଗକୁ ଅନୁରୋଧ କରିଥିଲେ। କିନ୍ତୁ ନବୀକରଣ ପରିବର୍ତ୍ତେ ବାହାରିନ୍‌ର ଇମିଗ୍ରେଶନ ବିଭାଗ ପକ୍ଷରୁ ତାଙ୍କୁ ଗିରଫ କରାଯାଇଥିଲା। ଏ ସମ୍ପର୍କରେ ଓଡ଼ିଆ ସମାଜର ପ୍ରତିଷ୍ଠାତା ତଥା ଓଡ଼ିଶା-ମୋ ପରିବାରର ଅରୁଣ କୁମାର ପ୍ରହରାଜ ଜାଣିବା ପରେ ହସ୍ତକ୍ଷେପ କରିଥିଲେ। ସ୍ଥାନୀୟ ପୋଲିସ ଓ ଇମିଗ୍ରେଶନ କର୍ତ୍ତୃପକ୍ଷଙ୍କ ସହ ସେ ଆଲୋଚନା କରି ତାଙ୍କୁ ଓଡ଼ିଶା ଫେରିବାର ବନ୍ଦୋବସ୍ତ କରିଥିଲେ। ଏଥିସହ ସେ ନିଜେ ସିପ୍ରାଙ୍କ ପାଇଁ ବିମାନ ଟିକେଟ କରିଥିଲେ ଏବଂ ଭାରତୀୟ ଦୂତାବାସରୁ ଏକ ଅସ୍ଥାୟୀ ପାସ୍‌ପୋର୍ଟ (ପ୍ରସ୍ଥାନ ପାସ) ବ୍ୟବସ୍ଥା କରି ତାଙ୍କୁ ଏଭଳି ପରିସ୍ଥିତିରୁ ମୁକୁଳାଇଥିଲେ। ସିପ୍ରା ଓଡ଼ିଶା ଫେରିବା ପରେ ଓଡ଼ିଶା-ମୋ ପରିବାର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟଙ୍କ ସମେତ ଟିମ୍ ଭୁବନେଶ୍ୱର ବିମାନବନ୍ଦରରେ ଉପସ୍ଥିତ ରହି ତାଙ୍କୁ ଶାନ୍ତ୍ୱନା ଦେଇ ପରିବାରବର୍ଗଙ୍କ ସହିତ ଘରକୁ ପଠାଇଥିଲେ।

## ଶ୍ରେଣୀଗୃହରେ ଶିକ୍ଷକଙ୍କ ମୋବାଇଲ ନିଶା

### ତଦନ୍ତ ନିର୍ଦ୍ଦେଶ ଦେଲେ ସହକାରୀ ଶିକ୍ଷା ନିର୍ଦ୍ଦେଶକ

ଯାଜପୁର ଅଫିସ, ୨୮।୧

ଶିକ୍ଷା ଅଧିକାର ଆଇନ ଅନୁଯାୟୀ ରାଜ୍ୟରେ ସରକାରୀ ପ୍ରାଥମିକ ସ୍କୁଲରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ମୁଣ୍ଡପିଛା ବାର୍ଷିକ ୨୫,୦୪୧ ଟଙ୍କା ୨୦୨୧-୨୨ରେ ଖର୍ଚ୍ଚ କରାଯାଇଛି । ତଥାପି ସରକାରୀ ସ୍କୁଲରେ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ବିକାଶ, ଶିକ୍ଷାନୁଷ୍ଠାନର ଉନ୍ନତି ସନ୍ତୋଷଜନକ ହୋଇପାରୁନାହିଁ। ବର୍ତ୍ତମାନ ଅଧିକାଂଶ ସ୍କୁଲର ଶ୍ରେଣୀଗୃହରେ ମୋବାଇଲ ଧରି ଶିକ୍ଷୟିତ୍ରୀ, ଶିକ୍ଷକମାନେ ଗପୁଛନ୍ତି । ଏଥିପାଇଁ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନରେ ଅବହେଳା କରାଯାଉଥିବା ଗୁରୁତର ଅଭିଯୋଗ ହେଉଛି। ସାରା ରାଜ୍ୟରେ ଏଭଳି ସ୍ଥିତି ଯୋଗୁ ସାଧାରଣ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟୟ ଆଡକୁ ମୁହାଁଇଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏହି କ୍ରମରେ ଯାଜପୁର ଜିଲାର କୋରେଇ ବ୍ଲକ ତେନ୍ତୁଳିଖୁଣ୍ଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ହୋଇଥିବା ଅଭିଯୋଗକୁ ଭିତ୍ତି କରି ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି।

ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷା ମିଲି ରାଉତ ଏବଂ ସଭ୍ୟାସଭ୍ୟଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, କେତେଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ସ୍କୁଲରେ ଦୀର୍ଘବର୍ଷ ହେବ ରହିଛନ୍ତି। ସେମାନେ କ୍ଲାସ୍‌ରୁମ୍‌ରେ ମୋବାଇଲ ଫୋନ ଧରି ଗପୁଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀଙ୍କ କୌଣସି କଥାକୁ ମାନୁନାହାନ୍ତି। ସ୍କୁଲରେ ଅନୁପସ୍ଥିତ ରହୁଥିବା ସତ୍ତ୍ୱେ ସେହିଦିନ ଉପସ୍ଥିତ ଦର୍ଶାଇବାକୁ ବାଧ୍ୟ କରୁଛନ୍ତି। ବଦଳି ପାଇଁ ଯିଏ ଅଭିଯୋଗ କରିବ, ତାଙ୍କ ବିରୋଧରେ ଜାତିଗତ ଏବଂ ବିଭିନ୍ନ ମାମଲାରେ ଫସେଇ ଦେବୁ ବୋଲି ଧମକ ଦେଉଛନ୍ତି। ସ୍କୁଲର ଉନ୍ନତିମୂଳକ କାର୍ଯ୍ୟକୁ ସଫଳ ନ କରାଇ ଦେବାକୁ ଚକ୍ରାନ୍ତ କରୁଛନ୍ତି। ତେଣୁ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ବଦଳି କରାଇ ଅନ୍ୟ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଦାବି ହୋଇଛି। ଉକ୍ତ ଅଭିଯୋଗ ପତ୍ରରେ ଅନ୍ୟମାନଙ୍କ ମଧ୍ୟରେ ସବିତା ମହାରଣା, କଳ୍ପନା ମଲିକ, ରାଣୀ ମଲିକ, ଦୀପକ କୁମାର ବିଶ୍ୱାଳ, କୈଳାସ ଚନ୍ଦ୍ର ବିଶ୍ୱାଳ ଓ ମଙ୍ଗଳ ମୁର୍ମୁଙ୍କ ସ୍ୱାକ୍ଷର ରହିଛି। ଏ ସଂକ୍ରାନ୍ତରେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଏପରି ଅଭିଯୋଗ ଉପରେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ (ଡିଇଇ)ର ସହକାରୀ ନିର୍ଦ୍ଦେଶକ ୨୧।୧।୨୦୨୩ରେ ଉପଯୁକ୍ତ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ କୋରେଇ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଉକ୍ତ ନିର୍ଦ୍ଦେଶ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିଲା ବୋଲି କମିଟି କର୍ମକର୍ତ୍ତା କହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ ଗିରିଙ୍କୁ ପଚାରିବାରେ ସେ କହିଛନ୍ତି ସହକାରୀ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।




ରାଜ୍ୟରେ ୪୭,୧୭୩ ବିଦ୍ୟାଳୟରେ ୨,୮୫,୦୪୪ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ଶ୍ରେଣୀ ରହିଛି। ପ୍ରାଥମିକସ୍ତରରେ ପ୍ରତି ୩୦ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଏବଂ ଉଚ୍ଚ ପ୍ରାଥମିକସ୍ତରରେ ପ୍ରତି ୩୫ ଜଣ ଛାତ୍ରୀଛାତ୍ରଙ୍କ ଲାଗି ଜଣେ ଲେଖାଏ ଶିକ୍ଷକ ନିଯୁକ୍ତି ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ରାଜ୍ୟର ପ୍ରାଥମିକ ସ୍କୁଲରେ ଛାତ୍ରୀଛାତ୍ର-ଶିକ୍ଷକ ଅନୁପାତ ୨୪ ଥିବାବେଳେ ଉଚ୍ଚ ପ୍ରାଥମିକ ସ୍କୁଲରେ ଛାତ୍ରୀଛାତ୍ର-ଶିକ୍ଷକ ଅନୁପାତ ୨୦ ରହିଛି। ଆନ୍ତରିକତାର ପାଠ ପଢ଼ାଇବାରେ କେତେଜଣ ଶିକ୍ଷକ ଅବହେଳା କରୁଥିବା ଅଭିଯୋଗ ହୋଇଆସୁଛି। ପ୍ରାୟ ପ୍ରତ୍ୟେକ ଜିଲାରେ ନକଲି ପ୍ରମାଣପତ୍ରଧାରୀ ଶିକ୍ଷକତା କରୁଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳୁଛି। ଏଭଳି ଶିକ୍ଷା ବ୍ୟବସ୍ଥା କାରଣରୁ ଅଭିଭାବକମାନେ ଘରୋଇ ସ୍କୁଲ ପ୍ରତି ଆକୃଷ୍ଟ ହେଉଛନ୍ତି। ଭାତହାଣ୍ଡିରୁ ଗୋଟିଏ ପରଖିବା ଭଳି ଏଠାରେ ତେନ୍ତୁଳିଖୁଣ୍ଟା ସରକାରୀ ୟୁପି ସ୍କୁଲକୁ ଉଦାହରଣ ଭାବେ ନିଆଯାଇପାରେ। ସମଗ୍ର ରାଜ୍ୟରେ ବହୁ ସରକାରୀ ସ୍କୁଲରେ ଶିକ୍ଷାଦାନରେ ଅବହେଳା ଅଭିଯୋଗ ଆସୁଛି।

# ବେଆଇନ ବାଲିଘାଟକୁ ଅନୁକମ୍ପା

**ନୟାଗଡ଼ ଅଫିସ,୨୮।୧**


ଦୁର୍ଦ୍ଧୁରା ବାଲିଘାଟ।

- ତହସିଲ ପକ୍ଷରୁ ନାହିଁ କାର୍ଯ୍ୟାନୁଷ୍ଠାନ
- ବାବୁଙ୍କ ଜାଣତରେ ଚାଲିଛି ବାଲିଚୋରି
- ମାଳବନ୍ଧ ଦୁର୍ବଳ, ସରକାର ହରାଉଛନ୍ତି ରାଜସ୍ୱ
- ୪ ତହସିଲଦାରଙ୍କ ବଦଳି ପରେ ବି ପଡ଼ିନି ପ୍ରଭାବ

ନୟାଗଡ଼ ତହସିଲ ମହିପୁର ଆରଆଇ ଅଫିସ ଅନ୍ତର୍ଗତ ଡାହୁକା ନଦୀର ଦୁର୍ଦ୍ଧୁରା ଓ ଡିମିରିଝରି ବାଲିଘାଟ ବେଆଇନ ଭାବେ ଚାଲୁ ରହିଛି । ଏହି ଦୁଇ ବାଲିଘାଟକୁ ନିଲାମ କରାଯାଉନି । ତେବେ ବାଲି ଚୋରମାନେ ସରକାରୀ ବାବୁଙ୍କୁ ଧରାଧରି କରି ବେଆଇନ ଭାବେ ବାଲିଘାଟକୁ ଚଳାଇ ଆସୁଥିବା ଅଭିଯୋଗ ହୋଇଆସୁଛି । ପ୍ରଶାସନିକସ୍ତରରେ ଏହାକୁ ରୋକା ନ ଯିବାରୁ ସରକାର ରାଜସ୍ୱ ହରାଉଥିବାବେଳେ ମାଳବନ୍ଧ ଦୁର୍ବଳ ହୋଇ ଚାଲିଛି । ବେଆଇନ ଖଣି ଖନନ ଓ ବାଲି ଚୋରିକୁ ସହଯୋଗ କରି ଓଡ଼ଗାଁ, ଖଣ୍ଡପଡ଼ା, ଭାପୁର ଓ ରଣପୁର ତହସିଲଦାରଙ୍କ ବଦଳି ଏବଂ କୋମଣ୍ଡ ଆରଆଇଙ୍କ ନିଲମ୍ବନ ପରେ ନୂଆଗାଁ ତହସିଲଦାର ପଦକ୍ଷେପ ନ ନେବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି । ଜିଲାପାଳ ଏହି ଦୁଇ ବେଆଇନ ବାଲିଘାଟ ଉପରେ ନଜର ଦେବାକୁ ଦାବି ହେଉଛି ।

ଦୁର୍ଦ୍ଧୁରା ଓ ଡିମିରିଝରି ବାଲିଘାଟରୁ ବାଲି ମହିପୁର ଓ ଆଖପାଖ ଅଞ୍ଚଳକୁ ଚାଲାଣ ହେଉଛି । ଡାହୁକା ନଦୀର ଏହି ଦୁଇ ବାଲିଘାଟକୁ କେତେଜଣ ଗୁଣ୍ଡା ଶ୍ରେଣୀର ଲୋକ କବ୍‌ଜା କରି ବାଲିକୁ ଚୋରା ଚାଲାଣ କରୁଛନ୍ତି । ଦିନକୁ ଦୁଇଟି ବାଲିଘାଟରୁ ୫୦ରୁ ୧୦୦ ଟ୍ରିପ ବାଲି ଚାଲାଣ ହେଉଛି । ଧିରେ ଧିରେ ଡାହୁକା ନଦୀର ଶର୍ଯ୍ୟା ଗଭୀର ହୋଇ ଚାଲିଛି । ସେହିଭଳି ବାଲିବୋଝେଇ ଟ୍ରାକ୍ଟର ସବୁବେଳେ ଯାତାୟତ କରୁଥିବାରୁ ମାଳବନ୍ଧ ଦୁର୍ବଳ ହେଉଛି । ଦୁର୍ଦ୍ଧୁରା ବାଲିଘାଟକୁ ଉଦୟପୁର ଓ ଡିମିରିଝରି ବାଲିଘାଟକୁ ସ୍ଥାନୀୟ ଲୋକେ ବିରୋଧ କରୁଥିଲେ ମଧ୍ୟ ସେମାନଙ୍କ ଅଭିଯୋଗକୁ ଚାପି ଦିଆଯାଉଛି । ପ୍ରଶାସନ ନିକଟରେ ଅଭିଯୋଗ ହେଉଥିଲେ ମଧ୍ୟ ପଦକ୍ଷେପ ହେଉନି । ଏ ନେଇ ଉଦୟପୁର ଓ ଦୁର୍ଦ୍ଧୁରାର ଲୋକେ ନାମ ଗୋପନ ରଖି କହିଛନ୍ତି ପାଟି ଖୋଲିଲେ ମାରପିଟ୍ ଓ ଗଣ୍ଡଗୋଳର ଭୟ ରହିଛି । ଏଣୁ ଧରା ପଡିବା ଭଳି ଅଭିଯୋଗ ବାଲିଘାଟ ବିରୋଧରେ କରାଯାଉନି । ତେବେ ଦୁର୍ଦ୍ଧୁରା ବାଲିଘାଟ ସମ୍ପର୍କରେ ନୂଆଗାଁ ତହସିଲଦାର ଓ ମହିପୁର ଆରଆଇଙ୍କୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ଚଢ଼ାଉ କରାଯାଉ ନାହିଁ । ଡିମିରିଝରିର କେତେଜଣ ବ୍ୟକ୍ତି ମଧ୍ୟ ବେଆଇନ ବାଲିଘାଟ ସମ୍ପର୍କରେ ଅଭିଯୋଗ କରିଛନ୍ତି। ହେଲେ ସୁଫଳ ମିଳୁନି । ଜଣେ ଶ୍ରମିକ ନାମ ଗୋପନ ରଖି କହିଛନ୍ତି, ନୂଆଗାଁ ତହସିଲ ଉପରେ ଜିଲା ପ୍ରଶାସନର ଆର୍ଶିବାଦ ରହିଛି । ମାଳିସାହି ଅଞ୍ଚଳରେ ବେଆଇନ ଖଣି ଖନନ ହେଉଥିବାର ଅଭିଯୋଗ ପରେ ଚଢ଼ାଉ ହେଲା । ହେଲେ ତହସିଲଦାର ଓ ଆରଆଇଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲା ନାହିଁ । ସେହିପରି ବାଲିଘାଟ ପ୍ରତି ତହସିଲଦାର ଓ ଆରଆଇ ଅନୁକମ୍ପା ଦେଖାଇ ଆସୁଥିଲେ ମଧ୍ୟ ଜିଲା ପ୍ରଶାସନ ଅନୁକମ୍ପା ଦେଖାଉଛନ୍ତି । ଖବରକାଗଜରେ ପ୍ରକାଶନ ହେଲେ ଅଥବା ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହେଲେ କିଛି ଫରକ ପଡିବ ନାହିଁ ବୋଲି ବାଲିଚୋରମାନେ କହୁଛନ୍ତି। ହେଲେ ବାଲି ବୋଝେଇ ଟ୍ରାକ୍ଟରଠାରୁ ସରକାରୀ ଓ ବେସରକାରୀ ଭାବେ ଟଙ୍କା ଆଦାୟ ଚାଲିଛି । ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଲେ ସରକାରୀ ସମ୍ପତି ଲୁଟରୁ ରକ୍ଷା ପାଆନ୍ତା ବୋଲି କହିଛନ୍ତି । ଏନେଇ ନୂଆଗାଁ ତହସିଲଦାର ହେମନ୍ତ ନାୟକ କୁହନ୍ତି, ଦୁର୍ଦ୍ଧୁରା ଓ ଡିମରିଝରି ବାଲିଘାଟ ନିଲାମ ହୋଇନି। ଦୁଇ ବେଆଇନ ବାଲିଘାଟରେ ବାଲି ଚାଲାଣକୁ ଖୁବ୍‌ଶୀଘ୍ର ବନ୍ଦ କରାଯିବ ।

## ସଂକ୍ଷେପରେ

### ବିଦ୍ୟାଳୟର ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର

**ଦଶପଲ୍ଲା,୨୮।୧(ଡି.ଏନ୍.ଏ.):** ଶନିବାର ନୟାଗଡ଼ ଜିଲାପାଳ ରବିନ୍ଦ୍ରନାଥ ସାହୁ ଦଶପଲ୍ଲାର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ । ସାତପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ସମୟରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରା ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ । ବିଦ୍ୟାଳୟରେ କୌଣସି କିରାଣୀ ଏବଂ ପିଅନ ନ ଥିବାରୁ ନାନା ସମସ୍ୟା ସୃଷ୍ଟି ହେଉଛି । ଶୀଘ୍ର ବିଦ୍ୟାଳୟରେ କିରାଣୀ ଓ ପିଅନ ନିଯୁକ୍ତି ପାଇଁ ସେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହି ଆଲୋଚନାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ବ୍ରାହ୍ମଣସଭାର ନୂତନ କର୍ମକର୍ତ୍ତା

**ନୟାଗଡ଼ ଅଫିସ,୨୮।୧:** ନୟାଗଡ଼ର ଶ୍ରୀଶ୍ରୀ ସ୍ୱପ୍ନେଶ୍ୱର ଦେବ ବ୍ରାହ୍ମଣ ସମାଜର କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ନୟାଗଡ଼ ଏନଏସିର ପୂର୍ବତନ ଚେୟାରମ୍ୟାନ ଭବାନୀ ଶଙ୍କର ଦାଶ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଶିବ ପ୍ରସାଦ ମିଶ୍ର, ସମ୍ପାଦକ ଭାବେ ଖବରଦାତା ସନ୍ତୋଷ କୁମାର ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଭାବେ ଗୌରୀ ପ୍ରସାଦ ରଥ ଅନୁରୂପ ଭାବେ ନିର୍ବାଚିତ ହୋଇଛନ୍ତି । ଏ ଅବସରରେ ନୟାଗଡ଼ରେ ବ୍ରାହ୍ମଣ ସମାଜର ଏକ ଅଧିବେଶନ ଅନୁଷ୍ଠିତ ହୋଇଥିଲା ।

### ଶିରିଡି ସାଇଙ୍କ ବାର୍ଷିକ ଉତ୍ସବ

**ଖଣ୍ଡପଡ଼ା,୨୮।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଗଡିଆସାହି ପଞ୍ଚାୟତ ଟଭାପାହାଡ଼ ସାଇ ଦରବାର ପରିସରରେ ସିରିଡି ସାଇଙ୍କ ୮ମ ବାର୍ଷିକ ଉତ୍ସବ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୨ଶହରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଏକ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞବେଦୀରେ ସ୍ଥାପନା କରିଥିଲେ । ପରେ ନାମ ଓ ହୋମଯଜ୍ଞ ସହ ହନୁମାନ ଚାଳିଶା ପାଠ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ ।

### ଶ୍ରୀଗୁରୁଦେବଙ୍କ ବାର୍ଷିକ ଉତ୍ସବ

**ଖଣ୍ଡପଡ଼ା,୨୮।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ପଞ୍ଚାୟତର ଅକୁରାବନ୍ଧ ଶାନ୍ତି କୁଟୀରରେ ଗୁରୁବାର ଶ୍ରୀ ପଞ୍ଚମୀ ତିଥିରେ ଶ୍ରୀଗୁରୁଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ୩୩ତମ ଶ୍ରୀଗୁରୁ ନାମଯଜ୍ଞ, ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାତଃ ୬ଟାରେ ଅଖଣ୍ଡ ଶ୍ରୀଗୁରୁ ନାମଯଜ୍ଞ । ପୂର୍ବାହ୍ନ ସାଢେ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଘୃତଯଜ୍ଞ ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଶୁକ୍ରବାର ଭଜନକୀର୍ତ୍ତନ, ପ୍ରବଚନ ଓ ନଗର ଭ୍ରମଣ ସମ୍ପନ୍ନ ହୋଇଛି । ଏହି କାର୍ଯ୍ୟକ୍ରମରେ ଶ୍ରୀଅଦ୍ୱୈତାନନ୍ଦ ସ୍ୱାମୀ, ଅଖଣ୍ଡାନନ୍ଦ ସ୍ୱାମୀ, ପ୍ରେମା ନନ୍ଦଜୀ, ଶୁଦ୍ଧାନନ୍ଦ, ବିଶୁଦ୍ଧା ନନ୍ଦଜୀ, ସତ୍ୟାନନ୍ଦ ସ୍ୱାମୀ ପ୍ରମୁଖ ସାଧୁସନ୍ଥ ଯୋଗଦେଇଥିଲେ । ଜିଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣାଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ସାମିଲ ହୋଇଥିଲେ । ଆଞ୍ଚଳିକ ସଭାପତି ଗୋପୀନାଥ ଲେଙ୍କା, ଆଶ୍ରମ ସଭାପତି ନିତ୍ୟାନନ୍ଦ ଦାସ, କୋଷାଧ୍ୟକ୍ଷ ଅର୍ଜୁନ ସାହୁଙ୍କ ସମେତ ଗୁରୁ ଭାଇ ଓ ଗୁରୁ ମାଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କଲେଜରେ ସୁସ୍ଥ ବାତାବରଣ ସୃଷ୍ଟି ଉପରେ ଗୁରୁତ୍ୱ


କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ଅନୁଷ୍ଠିତ ସମ୍ମିଳନୀରେ ଯୋଗଦେଇଥିବା ଅଭିଭାବକ ।

**ଖଣ୍ଡପଡ଼ା,୨୮।୧(ସ୍ୱ.ପ୍ର.)**



ମହିଳା କନିଷ୍ଠ ମହାବିଦ୍ୟାଳୟରେ ଆୟୋଜିତ ସମ୍ମିଳନୀରେ ଅଧ୍ୟାପିକା ଓ ଅଭିଭାବକ ବୃନ୍ଦ ।

### ଅଭିଭାବକ-ଶିକ୍ଷକ ସମ୍ମିଳନୀ

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଓ ଖଣ୍ଡପଡ଼ା ମହିଳା କନିଷ୍ଠ ମହାବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ନୀଳମାଧବ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧ଶହରୁ ଊର୍ଦ୍ଧ୍ୱ ଅଭିଭାବକ, ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧକ୍ଷ ଡ. ରଣଜିତ୍ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ପ୍ରାଧ୍ୟାପକ ଡ. ପବିତ୍ର କୁମାର ସୁବୁଦ୍ଧି ରାଜ୍ୟ ସରକାରଙ୍କ ଏହି ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ ଶିକ୍ଷା ଓ ଶିକ୍ଷାୟତନର ମାନ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନୀତ ଅତିଥି ଭାବେ ଉପାଧକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସମନ୍ୱୟ ରଖି ସୁସ୍ଥ ବାତାବରଣ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ । କଣ୍ଟିଲୋ ଫାଣ୍ଡି ଅଧିକାରୀ ରାକେଶ ଚନ୍ଦ୍ର ଜେନା ଯୋଗଦେଇ ସମାଜରେ ଶିକ୍ଷୟିତ୍ରୀଙ୍କ ସଂଖ୍ୟା ବୃଦ୍ଧିଘଟିଲେ ଅପରାଧ କମିବ । ଛାତ୍ରୀଛାତ୍ରମାନେ ନିଶା ସେବନରୁ ବିରତ ହେବା, ବାଲ୍ୟ ବିବାହକୁ ରୋକ୍, ଯାନବାହାନ ଚଳାଚଳ ସମୟରେ ଟ୍ରାଫିକ ନିୟମ ମାନିବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଖଳିସାହି ଅଞ୍ଚଳର ବରିଷ୍ଠ ଅଭିଭାବକ ଶର୍ଙ୍କର୍ଷଣ ସାହୁ ଛାତ୍ରୀଛାତ୍ରମାନଙ୍କୁ ଭଲ ମଣିଷଟିଏ ହେବାକୁ ପରାମର୍ଶ ଦେଇଥିଲେ ।

ସେହିପରି ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ମହିଳା କନିଷ୍ଠ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଅଭିଭାବକ-ଶିକ୍ଷକ ବୈଠକରେ ୫୦ରୁ ଊର୍ଦ୍ଧ୍ୱ ଅଭିଭାବକ, ଅଧ୍ୟାପିକା ଅଧ୍ୟାପକ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଉପରେ ଆଲୋଚନା କରିଥିଲେ। ଏଥିପାଇଁ ପିଲାମାନଙ୍କୁ ପାଠ ମନସ୍ଥ କରାଇବା ଓ ସେମାନଙ୍କ ଭିତରେ ଥିବା ପ୍ରତିଭା ବିକାଶ ପାଇଁ ପଦକ୍ଷେପ ନେବାକୁ ସ୍ଥିର ହୋଇଥିଲା । ଅଭିଭାବକ ଓ ଶିକ୍ଷକମାନଙ୍କ ମଧ୍ୟରେ ହୋଇଥିବା ଆଲୋଚନାକୁ ସଂକଳ୍ପ ପୁସ୍ତିକାରେ ସ୍ଥାନିତ କରାଯାଇଛି । ଯୁକ୍ତ ୨ ଅଧକ୍ଷା ସ୍ମିତା ଶେଫାଳୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି ଓ ନିବେଦିତା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ବିଶ୍ୱ ଭାରତୀ ମହାରଣା ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ଅଜିତ କୁମାର ବସନ୍ତରାୟ, ପ୍ରଭାତ କୁମାର ବେହେରା, ସୁମନ୍ତ କୁମାର ଜେନା, ଖବରଦାତା ପ୍ରଭାକର ଶିରୋମଣିଙ୍କ ସମେତ ବହୁ ଅଭିଭାବକ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ହୁସେନ ରବି ଗାନ୍ଧୀଙ୍କ ସ୍ମୃତିସଭା

**ନୟାଗଡ଼ ଅଫିସ,୨୮।୧**

ହୁସେନ ରବି ଗାନ୍ଧୀଙ୍କ ବିୟୋଗରେ ଏକ ସ୍ମୃତି ଚାରଣ ସଭା ନୟାଗଡରେ ଶନିବାର ଅନୁଷ୍ଠିତ ହୋଇ ଯାଇଛି । ଖବରଦାତା ଏସ.ଏ.ମନାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିପିଆଇ(ଏମ) ନେତା ବିଶ୍ୱନାଥ ମହାପାତ୍ର, ସମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ରଞ୍ଜନ ରଶ୍ମି ଜେନା, ଇଟାମାଟି ଶିକ୍ଷା ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଅଶୋକ ନାୟକ, କବି ଗୋପିନାଥ ସେଠୀ, ଏସ.ଏ. ଖାଲିକ, କଂଗ୍ରେସ ନେତା ହୁସେନ ଖାଁ, ଚାଷୀ ନେତା ପବିତ୍ର ଇନ୍ଦ୍ରଜିତ ପ୍ରମୁଖ ଯୋଗ ଦେଇ ସ୍ମୃତି ଚାଣ କରିଥିଲେ ।

## ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା

**ନୟାଗଡ଼ ଅଫିସ,୨୮।୧**

ନୟାଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ଓ କର୍ମକର୍ତ୍ତା ଚୟନ ଶନିବାର ଅନୁଷ୍ଠିତ ହୋଇ ଯାଇଛି । ସଭାପତି ଭାବେ ବିପିନ ବିହାରୀ ଦାସ ଓ ସାଧାରଣ ସମ୍ପାଦକ ଭାବେ ଭକ୍ତବଲ୍ଲଭ ବଟକୃଷ୍ଣ ମିଶ୍ର ନିର୍ବାଚିତ ହୋଇଛନ୍ତି । ଉପସଭାପତି ଭାବେ ଜୟକୃଷ୍ଣ ପଣ୍ଡା ଓ ରୀତାରାଣୀ ମିଶ୍ର, ସହ ସମ୍ପାଦକ ଭାବେ ରାମକୃଷ୍ଣ ମିଶ୍ର, ଉପଦେଷ୍ଟା ଭାବେ ଅଶୋକ ଶତପଥୀ, ମନୋରଞ୍ଜନ ସାହୁ, ପ୍ରଦୀପ ସାହୁ ନିର୍ବାଚତ ହୋଇଛନ୍ତି । ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜ୍ୟୋତି ରଞ୍ଜନ ଦାଶ ଓ ଭକ୍ତ ବଲ୍ଲଭ ବଟକୃଷ୍ଣ ମିଶ୍ର ପରିଚାଳନା କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅନିଲ


@ ବିଷ୍ଣୁପ୍ରିୟା


@ ଶାନ୍ତିଲତା


@ ସ୍ନେହାଶିଷ


@ ତପସ୍ୱିନୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗୋଟିଏ ପାହାଡ଼ରେ ୪ ଚିରସ୍ରୋତା ଝରଣା

- ମିଳୁନି ଇକୋ ଟୁରିଜମ୍‌ର ମାନ୍ୟତା
- ଭିତ୍ତିଭୂମି ଥାଇ ବି ହେଉନି ବିକାଶ

**ନୟାଗଡ଼ ଅଫିସ/ଓଡ଼ଗାଁ,୨୮।୧(ସ୍ୱ.ପ୍ର.)**


ଝରଣାର ମଜା ଉଠାଉଛନ୍ତି ପର୍ଯ୍ୟଟକ ।

ପର୍ଯ୍ୟଟକଙ୍କୁ ଟାଣି ଆଣିବାର ପରିବେଶ ରହିଛି ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ବାଣ୍ଡପୁର ପଞ୍ଚାୟତ ନିହଲପ୍ରସାଦ ଗାଁରେ । ସେଠାର ୪ ଚିରସ୍ରୋତା ଝରଣା ଓ କାନଖାଇ ପାହାଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଟାଣି ଆଣୁଛି। ତେବେ ଏହି ମନଲୋଭା ସ୍ଥଳକୁ ପର୍ଯ୍ୟଟନସ୍ଥଳୀ ଅଥବା ଇକୋ ଟୁରିଜମ୍ ଭାବେ ଘୋଷଣା କରାଯାଉ ନ ଥିବାରୁ ସେହି ସ୍ଥାନର ବିକାଶ ହୋଇପାରୁନାହିଁ ବୋଲି ଅଭିଯୋଗ ହୋଇଛି।

ଶରଣକୁଳ-ଓଡ଼ଗାଁ ରାସ୍ତାର କେନାଲ ଛକଠାରୁ ବୁଢ଼ାବୁଢ଼ୀଆଣି ଡ୍ୟାମ୍ ୫ କିମି। ବୁଢ଼ାବୁଢ଼ୀଆଣି ଡ୍ୟାମ୍‌ଠାରୁ ୪ କିମି ଗଲେ ପଡେ କାନଖାଇ ପାହାଡ଼ । ସେହି ପାହାଡ଼ର ପାଦଦେଶରୁ ଶିଖର ପର୍ଯ୍ୟନ୍ତ ବହୁଛି ୪ ଚିରସ୍ରୋତା ଝରଣା । ପାହାଡ଼ ଉପରିଭାଗରେ କାନଖାଇ, ତା ତଳକୁ ହଳଶଗଡ, ବରକନ୍ୟା ଓ ପାଦଦେଶରେ ରହିଛି ଶିଶୁପୁତ୍ର ଝରଣା । ଏହି ଝରଣାର ଜଳ ସବୁବେଳେ କୁଲୁକୁଲୁ ନାଦରେ ବହି ଚାଲିଥାଏ । ଔଷଧୀୟ ବୃକ୍ଷ ମଧ୍ୟ ପାହାଡ଼ର ଶୋଭା ବଢ଼ାଇଥାଏ । ଗ୍ରୀଷ୍ମଋତୁରେ ସେଠାକାର ପରିବେଶ ପର୍ଯ୍ୟଟକଙ୍କୁ ବେଶ୍ ଆମୋଦ ଦିଏ । ଗ୍ରୀଷ୍ମଋତୁରେ ସେହି ଅଞ୍ଚଳ ଶୀତଳ ରୁହେ। ଦିନବେଳା ସେଠାରେ ରାତିର ଭ୍ରମ ସୃଷ୍ଟି କରିଥାଏ । ତେବେ ସେହି ସ୍ଥାନର ପରିବେଶରେ ଇକୋ ଟୁରିଜମ୍ ଅଥବା ପର୍ଯ୍ୟଟନ ସ୍ଥଳର ଭିତ୍ତିଭୂମି ରହିଥିଲେ ମଧ୍ୟ ପର୍ଯ୍ୟଟନ ଓ ଜଙ୍ଗଲ ବିଭାଗର ଉଦାସୀନତା କାରଣରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଓଡ଼ିଶାରେ ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ରାଜ୍ୟ ଜଙ୍ଗଲ ବିଭାଗ ଓ ପର୍ଯ୍ୟଟନ ବିଭାଗ ହାତ ମିଳାଇଥିବାବେଳେ ସମ୍ପୃକ୍ତ ପୀଠ ବିକାଶଠାରୁ ବହୁ ଦୂରରେ ରହିଛି ବୋଲି ସ୍ଥାନୀୟ ଅଞ୍ଚଳର ହରିଶ ପ୍ରଧାନ, ରାମଚନ୍ଦ୍ର ପ୍ରଧାନ କହିଛନ୍ତି ।

**୧୪ କିମି ଦୂରରେ ବାଣପୁର:** ବାଣପୁର ଭଗବତୀଙ୍କ ପୀଠଠାରୁ ୧୪ କିମି ଦୂରରେ ରହିଛି ନିହଲପ୍ରସାଦର ୪ ଚିରସ୍ରୋତା ଝରଣା। ନିହଲପ୍ରସାଦରୁ ବାଣପୁର ବାଇକ୍ ଯୋଗେ ଯିବାର ସୁବିଧା ରହିଛି । ତେବେ ଜଙ୍ଗଲିଆ ରାସ୍ତା ବର୍ଷାରେ ବିଚ୍ଛିନ୍ନ ହୋଇପଡେ । ବାଣପୁରକୁ ରାସ୍ତା ନିର୍ମାଣ କରାଗଲେ ନୟାଗଡ଼ ଓ ଖୋର୍ଦ୍ଧା ଜିଲା ମଧ୍ୟରେ ଯୋଗାଯୋଗ ସହଜ ହେବ । ପର୍ଯ୍ୟଟକମାନେ ବି ବହୁ ସଂଖ୍ୟାରେ ଆସିପାରିବେ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

### ରୋଗ ଦୂର କରୁଛି ଝରଣା ଜଳ

ଏହି ୪ ଝରଣାର ଜଳ ପାଳି ଜ୍ୱର, ଚର୍ମ ରୋଗରୁ ମୁକ୍ତି ଦେଇଥାଏ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ସେହି ଝରଣାରେ ଅନେକ ଲୋକ ଗାଧୋଇ ଥାଆନ୍ତି । ଅନ୍ୟପକ୍ଷେ ପାହାଡ଼ ଉପରେ ଔଷଧୀୟ ବୃକ୍ଷ ଥିବାରୁ ଝରଣା ଜଳ ସେହି ଗଛଲତା ଦେଇ ଆସୁଥିବାରୁ ସେଥିରେ ଔଷଧୀୟ ଗୁଣ ରହିଥିବା ଅନୁମାନ କରାଯାଉଛି। ଏନେଇ ସ୍ଥାନୀୟ ବାସିନ୍ଦା ହରିଶ ପ୍ରଧାନ କୁହନ୍ତି, ନିହଲପ୍ରସାଦ(ଗଡ଼ଗାଁ) ଠାରୁ ୫୦୦ ମିଟର ଦୂରରେ ରହିଛି ୪ଟି ଝରଣା । ସେହି ଝରଣା ଚିରସ୍ରୋତା ହୋଇଥିବାରୁ ପାଣି ଶୁଖେ ନାହିଁ । ସେଠାରେ ବଣଭୋଜି ପାଇଁ ଭିଡ଼ ଜମୁଛି । ଓସ୍ତିଆ, ନେପାଳ, ଭୋବସର, ନିହଲପ୍ରସାଦ ପରି ଗାଁ ଝରଣା ପାଖରେ ରହିଛି । ପୀଠର ବିକାଶ ପାଇଁ ପଦକ୍ଷେପ ନେଲେ ସେହି ଅଞ୍ଚଳ ଗୋଟିଏ ଭଲ ପର୍ଯ୍ୟଟନସ୍ଥଳୀ ହୋଇପାରନ୍ତା । ଏ ସଂକ୍ରାନ୍ତରେ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ କୁହନ୍ତି, ସଂପୃକ୍ତ ପୀଠକୁ ମୁଁ ବୁଲିବାକୁ ଯାଇଛି । ଏହାକୁ ଇକୋ ଟୁରିଜମ୍‌ରେ ସାମିଲ କରାଯିବାକୁ ଯୋଜନା ରହିଛି । ତେବେ ଚଳିତ ବର୍ଷ ୩ଟି ସ୍ଥାନ ଇକୋ ଟୁରିଜମ୍‌ରେ ସାମିଲ କରାଯାଇଛି । ଆସନ୍ତା ବର୍ଷ ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯିବ । ତେବେ ଏହି ଝରଣା ସହ ଆଉ କ'ଣ ସାମିଲ କରାଯିବ ସେନେଇ ପ୍ରୟାସ ଜାରି ରହିଛି ।

## ସଂକ୍ଷେପରେ

### ହାତ୍‌ସେ ହାତ୍ ଯୋଡୋ କାର୍ଯ୍ୟକ୍ରମ

ବିଞ୍ଝାରପୁର,୨୮।୧(ଡି.ଏନ.ଏ.): ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅଧୀନ ଗୁହାଳି ପଞ୍ଚାୟତ ଗୁହାଳି ଗ୍ରାମରୁ କଂଗ୍ରେସ ପକ୍ଷରୁ ହାତ୍‌ସେ ହାତ୍ ଯୋଡୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବରିଷ୍ଠ ନେତା ଚନ୍ଦ୍ରଶେଖର ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଆଇସିସି ମହିଳା ସଦସ୍ୟା କନକଲତା ମଲ୍ଲିକ, ବରିଷ୍ଠ ନେତା ଗୋବିନ୍ଦ ପରିଡ଼ା ଗୁହାଳି ପଞ୍ଚାୟତ ସମେତ ବ୍ଲକର ଅନ୍ୟ ପଞ୍ଚାୟତ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ। ଏଥିରେ ବହୁ କର୍ମୀ ଯୋଗ ଦେଇଥିଲେ।

### ଶିକ୍ଷକ, ଅଭିଭାବକ ବୈଠକ

ସିଂହପୁର,୨୮।୧(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଖରସ୍ରୋତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆହୁତ ଶିକ୍ଷକ ଓ ଅଭିଭାବକଙ୍କ ମିଳିତ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ସତ୍ୟବ୍ରତ ପାଢ଼ୀ ବୈଠକ ସଂପର୍କରେ ଆଲୋକପାତ କରିଥିଲେ। ପ୍ରାଧାପକ ଘନଶ୍ୟାମ ଜେନା, ଅଧାପକ ଉପେନ୍ଦ୍ର ସାମଲ, ମିହିର ରାଉତ, ପୂର୍ଣ୍ଣଚନ୍ଦ୍ର ସାମଲ, ମିନକେତନ ତ୍ରିପାଠୀ, ଗଗନ ବିହାରୀ ବେହେରା ପ୍ରମୁଖ ଯୋଗଦେଇ ଅଭିଭାବକ, ଶିକ୍ଷକ ଓ ଛାତ୍ରମାନଙ୍କ ମଧରେ ସମନ୍ୱୟ ସ୍ଥାପନ ହେଲେ ଶିକ୍ଷାର ବିକାଶ ହୋଇପାରିବ ବୋଲି କହିଥିଲେ। ମହାବିଦ୍ୟାଳୟର ଭିତ୍ତିଭୂମି ଓ ପାଠପଢ଼ା ଉପରେ ଅଭିଭାବକମାନେ ସନ୍ତୋଷ ପ୍ରକାଶ କରିଥିଲେ।

### ସିଂହପୁର ଉପ୍ରା ବିଦ୍ୟାଳୟରେ ପୁରସ୍କାର ବିତରଣ

ସିଂହପୁର,୨୮।୧(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ସିଂହପୁର ଉପ୍ରା ବିଦ୍ୟାଳୟ ପରିସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଛି। ଖବରଦାତା ଅନିରୁଦ୍ଧ ବେଉରିଆଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଶଶାଙ୍କ ଶେଖର ଖିଲାର, ପ୍ରାକ୍ତନ ପ୍ରଧାନଶିକ୍ଷକ ପୁରୁଷୋତ୍ତମ ଧଳ, ସଂଗଠକ ମଳୟ ଥାଟୋଇ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗଣେଶ ଚନ୍ଦ୍ର ସାହୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ନିବେଦିତା ନାୟକ, ଶିକ୍ଷକ ସୁବ୍ରତ ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ହୁସେନ ରବି ଗାନ୍ଧୀଙ୍କ ବିୟୋଗରେ ଶୋକ

ଧର୍ମଶାଳା,୨୮।୧(ଡି.ଏନ.ଏ.): ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଡ. ହୁସେନ ରବି ଗାନ୍ଧୀ(୭୪)ଙ୍କ ଶନିବାର ପରଲୋକ ହୋଇଛି। ତାଙ୍କ ବିୟୋଗରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ଗଭୀର ଶୋକବ୍ୟକ୍ତ କରିଛନ୍ତି। ହୁସେନ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ତାଙ୍କ ଆକସ୍ମିକ ବିୟୋଗ ଖବର ପାଇ ପୂର୍ବତନ ବିଧାୟକ ରବି ଲାବଣ୍ୟ ମର୍ମାହତ ହୋଇପଡିଥିବା ବେଳେ ତାଙ୍କ ବିୟୋଗରେ ରାଜ୍ୟର ଅପୂରଣୀୟ କ୍ଷତି ଘଟିଲା ବୋଲି ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି। ସେହିପରି ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ସଭାପତି ରମାକାନ୍ତ ଜେନା, ସମ୍ପାଦକ ଡ. ମହେଶ୍ୱର ପାଢ଼ୀ, ଡା. ରୁଦ୍ର ନାରାୟଣ ପୃଷ୍ଟି, ସଂଗ୍ରାମ ଜେନା, ଡ. ତୁହିନାଂଶୁ ରଥ, ସୁନାକର ସାହୁ, ବ୍ରଜକିଶୋର ଦାଶ, ବରିଷ୍ଠ ଖବରଦାତା ବଟକୃଷ୍ଣ ପରିଡା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ଚାଲିଛି ବେଆଇନ ମାଙ୍କଡ଼ା ଖାଦାନ

**ଦର୍ପଣ ତହସିଲ**

**ପ୍ରଶାସନ ନୀରବଦ୍ରଷ୍ଟା**

ଚଣ୍ଡିଖୋଲ,୨୮।୧(ଡି.ଏନ୍.ଏ.): ଯାଜପୁର ଜିଲା ଦର୍ପଣ ତସହିଲ ଅନ୍ତର୍ଗତ ପଶ୍ଚିମ ବଡ଼ଚଣା କୁହାଯାଉଥିବା ସମିଆ, ଶାଳପଡ଼ା ଓ ବୈରୀ ପଞ୍ଚାୟତରେ ବ୍ୟାପକ ଭାବରେ ବେଆଇନ ମାଙ୍କଡ଼ା ଖାଦାନ ଚାଲିଛି। ଏଥିରୁ କୌଣସି ଗୋଟିଏ ବି ଖାଦାନକୁ ଲିଜ୍ ଦିଆ ଯାଇ ନ ଥିଲେ ମଧ ଜିଲା ଓ ତହସିଲ ପ୍ରଶାସନ ସବୁ ଜାଣି ନୀରବଦ୍ରଷ୍ଟା ପାଲଟିଛନ୍ତି। ଏପରି କି ବୈରୀ ପୋଲିସ ଥାନାଦେଇ ଗାଡ଼ିଗୁଡ଼ିକ ଆସୁଥିବା ବେଳେ ପୋଲିସ ମଧ ନୀରବଦ୍ରଷ୍ଟା ସାଜିଛି। କେବଳ ଲୋକଙ୍କୁ ଭୁଲ କହିବା ପାଇଁ ଏହା ଯାଜପୁର ଜିଲାରେ ନୁହେଁ କଟକ ଜିଲାରେ ଚାଲିଥିବା ସୂଚନା ଦେଉଛନ୍ତି।

ସୂଚନା ଥାଉକି, ଦୀର୍ଘ ଦିନ ହେବ ଏହି ପଞ୍ଚାୟତର ବିଭିନ୍ନ ସ୍ଥାନରେ ଏପରିକି ଜଙ୍ଗଲ ଜମିରେ ମଧ ବେଆଇନ ଭାବରେ ମାଙ୍କଡ଼ା ଖାଦାନ କରାଯାଉଛି। ବୈରୀ ପଞ୍ଚାୟତର ବଗଉ ଓ ଝାଟିଆଠାରେ ଏକ



ସିମେଣ୍ଟ କାରଖାନା ସନ୍ନିକଟରେ ଏଭଳି ଦିନ ରାତି ମେଶିନ ଲଗାଇ ମାଙ୍କଡ଼ା ଖନନ କରାଯାଇ ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତ୍‌ସିଂହପୁର ଜିଲାକୁ ଚାଲାଣ ହେଉଛି। ବିଳମ୍ବିତ ରାତ୍ରିରେ ଟ୍ରକ୍ ଯୋଗେ ଏହା ବାହାରକୁ ଚାଲାଣ ହେଉଛି। ଏହି ଚୋରା ମାଙ୍କଡ଼ା ବ୍ୟବସାୟ ଦୀର୍ଘ ବର୍ଷ ଧରି ଚାଲୁଥିଲେ ମଧ କେବେ ବି ସମ୍ପୃକ୍ତ ଖାଦାନ ମାଲିକଙ୍କୁ ଧରାଯାଇ ନାହିଁ କିମ୍ବା ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏଥିଯୋଗୁ ବ୍ୟାପକ ରାଜସ୍ୱ କ୍ଷତି ଘଟୁଛି। ଗତ ୨ ବର୍ଷ ଭିତରେ ଏହି ଅଞ୍ଚଳରୁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବେଆଇନ ମାଙ୍କଡ଼ା ଚାଲାଣ ହୋଇ ସାରିଲାଣି। ଏହାକୁ ପ୍ରଶାସନିକ ଅଧିକାରୀମାନେ ଜାଣିଥିଲେ ମଧ ସେଥିପ୍ରତି ସେଭଳି ଆଖି ଦୃଷ୍ଟିଆ ପଦକ୍ଷେପ ନିଆଯାଉନାହିଁ।

ତତ୍କାଳୀନ ଆର୍‌ଡିସି ଅରବିନ୍ଦ ପାଢ଼ୀ ଏହି ଖାଦାନଗୁଡ଼ିକରେ ଅଚାନକ ଚଢ଼ାଉ କରି ବହୁ ମେଶିନ୍ ଓ ଟ୍ରକ୍ ଜବତ କରିଥିଲେ। ଏଥିରେ ସମ୍ପୃକ୍ତ ଥିବା ୬ଜଣ ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିଲେ। ସେହିଦିନଠାରୁ ଦୀର୍ଘ ୩ ବର୍ଷ ବେଆଇନ ମାଙ୍କଡ଼ା ଖନନ ବନ୍ଦ ହୋଇଯାଇଥିଲା ବେଳେ ପୁନର୍ବାର ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି। ତେଣୁ ତୁରନ୍ତ ଏହି ବେଆଇନ ଖାଦାନ ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ଶୁଭଦର୍ଶନ ମିଶ୍ରଙ୍କୁ ପଚାରିବରୁ ସେ କୁହନ୍ତି, ଆମ ଅଞ୍ଚଳରେ ବେଆଇନ ଖାଦାନ ନାହିଁ, ଯାହାଅଛି ସେସବୁ କଟକ ଜିଲାରେ ଅବସ୍ଥିତ।

# ସାଧାରଣତନ୍ତ୍ର ଦିବସ ପାଳିତ

ଧର୍ମଶାଳା,୨୮।୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ୭୪ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଧର୍ମଶାଳା ବିଜେଡି କାର୍ଯ୍ୟାଳୟରେ ବିଧାୟକ ପ୍ରଣବ ବଳବନ୍ତରାୟ ପତାକା ଉତ୍ତୋଳନ କରିଥିଲେ। ବ୍ଲକ୍ କାର୍ଯ୍ୟାଳୟରେ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜାରକା ଜଳସେଚନ କାର୍ଯ୍ୟାଳୟରେ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସ, ଜାରକା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ସେଠୀ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ସ୍ୱାଗତ ଦାସ, ଧର୍ମଶାଳା ଥାନାରେ ଥାନା ଅଧିକାରୀ ରାକେଶ ତ୍ରିପାଠୀ, ଜେନାପୁର ଥାନାରେ ଥାନା ଅଧିକାରୀ ଉମାକାନ୍ତ ନାୟକ ପତାକା ଉତ୍ତୋଳନ କରିଥିଲେ। ସେହିପରି ଧର୍ମଶାଳା ପ୍ରେସ୍ କ୍ଲବର ଜାରକାସ୍ଥିତ କାର୍ଯ୍ୟାଳୟରେ ସଭାପତି ରମାକାନ୍ତ ଜେନା, ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ସଭାପତି ଜଳଧର ମହାନ୍ତି, ଭାଜପା କାର୍ଯ୍ୟାଳୟରେ ନାରୀନେତ୍ରୀ ସ୍ମିତିରେଖା ପଣ୍ଡି, କଂଗ୍ରେସ ପକ୍ଷରୁ ଗୋପବନ୍ଧୁ ଛକରେ ବ୍ଲକ୍ କଂଗ୍ରେସ ସଭାପତି କିଷାନ ପଣ୍ଡା ପତାକା ଉତ୍ତୋଳନ କରିଥିଲେ। ଅରଙ୍ଗାବାଦ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରରେ ପୂର୍ବତନ ବିଧାୟକ ରବିଲାବଣ୍ୟ ପତାକା ଉତ୍ତୋଳନ କରିଥିବାବେଳେ ପତଞ୍ଜଳି ଯୋଗ ସମିତିରେ କ୍ୟାପଟେନ୍ ତ୍ରିଲୋଚନ ବିଶ୍ୱାଳ, ଅବସରପ୍ରାପ୍ତ କର୍ମଚାରୀ ସଂଘ ଧର୍ମଶାଳା ପକ୍ଷରୁ କାର୍ଯ୍ୟାଳୟରେ ସଭାପତି ଯୁଧିଷ୍ଠିର ସ୍ୱାଇଁ ପତାକା ଉତ୍ତୋଳନ କରିଥିଲେ। ଧର୍ମଶାଳା ମହାବିଦ୍ୟାଳୟରେ ଅଧକ୍ଷ ତପନ କୁମାର ମିଶ୍ର, ମହିଳା ଡିଗ୍ରୀ କଲେଜରେ ଅଧକ୍ଷା ଡ.ଇନ୍ଦୁପ୍ରଭା ସାମଲ, ରେନେସାଂ କଲେଜରେ ସମ୍ପାଦକ ବିଭୁତି ଭୂଷଣ ରାଉତ, ଆରୁହାସ୍ଥିତ ଜିଲା କ୍ରଶର ଆସୋସିଏଶନ କାର୍ଯ୍ୟାଳୟରେ ସଭାପତି ଚନ୍ଦନ ନାୟକ ପତାକା ଉତ୍ତୋଳନ କରିଥିଲେ। ସେହିପରି ଧର୍ମଶାଳା ବ୍ଲକର ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସଂଗଠନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି।

# ହାଥ୍‌ସେ ହାଥ୍ ଯୋଡୋ କାର୍ଯ୍ୟକ୍ରମ




କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରୁଛନ୍ତି।

ଧର୍ମଶାଳା,୨୭।୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ୍ କଂଗ୍ରେସ ପକ୍ଷରୁ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ହାଥ୍ ସେ ହାଥ୍‌ଯୋଡୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି କିଷାନ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକା କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଜାରକାସ୍ଥିତ ଗୋପବନ୍ଧୁ ଛକରୁ ଶୋଭାଯାତ୍ରାରେ ଜାରକା, କୁମାରୀ ଓ ଗଙ୍ଗାଧରପୁର ପଞ୍ଚାୟତର ୨୧ ବୁଥ୍‌କୁ ଯାଇ ଲୋକଙ୍କୁ ସଚେତନ କରାଇଥିଲେ। ପର୍ଯ୍ୟବେକ୍ଷକ ଭାବେ ଜିଲା ଓବିସି ସେଲ୍ ସଭାପତି ପ୍ରଶାନ୍ତ କୁମାର ସାହୁ ଯୋଗ ଦେଇଥିଲେ। ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ କରାଯାଉଛି। ସେହିପରି କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କୁ ଭୁଆଁ ବୁଲାଇ ଲୁଟିଚାଲିଥିବା ବେଳେ ସେମାନଙ୍କ ଦୁର୍ନୀତିକୁ ଲୋକଲୋଚନକୁ ଆଣିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ବସନ୍ତ ପରିଡ଼ା, ପ୍ରଶାନ୍ତ କୁମାର ସାହୁ, ପ୍ରଫୁଲ୍ଲ ରାୟ, ନରୋତ୍ତମ ନାୟକ, ନକୁଳ ଜେନା, ବାବୁଲି ମଳିକ, ସନ୍ତୋଷ ବେହେରା, ସତ୍ୟ ମଳିକ, ଗୌରହରି ମଳିକ, ଅନି ସେଠୀ, ବିନୋଦ ମଳିକ, ଦୀପକ ବଳ, କାର୍ତ୍ତିକ ସାହୁ, ସେକ ଏକବାଲ, ନଗେନ ବେହେରା, ନିତ୍ୟାନନ୍ଦ ଦାସ ଓ ନୀଳମଣି ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଆଗାମୀ ଦୁଇମାସ ପର୍ଯ୍ୟନ୍ତ ଚାଲୁରହିବାକୁ ଥିବାବେଳେ ଏଥିରେ କର୍ମୀମାନେ ନିର୍ବାଚନମଣ୍ଡଳୀର ୫୪ ପଞ୍ଚାୟତର ସମସ୍ତ ବୁଥକୁ ଯାଇ ଲୋକଙ୍କୁ ସଚେତନ କରିବେ ବୋଲି ପଣ୍ଡା ସୂଚନା ଦେଇଛନ୍ତି।

# ବଦାନ୍ୟତା ଦେଖାଇଲେ ଯୁବ ସାମାଜିକ କର୍ମୀ

ବରୀ,୨୮।୧(ଡି.ଏନ.ଏ.): ବରୀ ବ୍ଲକ୍ ଅଧୀନ ରାମଚନ୍ଦ୍ରପୁର ଗ୍ରାମର ବିଜୁ ମଲିକ(୨୩) ଯକୃତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ତେବେ ତାଙ୍କର ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପାଇଁ ପରିବାର ତରଫରୁ ସାମାଜିକ ଗଣମାଧମରେ ନିବେଦନ କରାଯିବା ପରେ ବିଭିନ୍ନ ମହଲରୁ ସମବେଦନା ସହ ଆର୍ଥିକ ସହାୟତା ମିଳୁଥିବା ଦେଖିବାକୁ ମିଳିଛି। ଏହିକ୍ରମରେ ଯୁବ ସାମାଜିକ କର୍ମୀ ବୀରେନ୍ଦ୍ର କୁମାର ନାୟକ, ଆଶିଷ ସାମଲ, ମାନସ ସାମଲ ଓ ସୁବାସ ସ୍ୱାଇଁ ବିଜୁଙ୍କ ଘରେ ପହଞ୍ଚି ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବା ସହ ଆଗାମୀ ଦିନରେ ଅଧିକ ସହାୟତା ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟ ବଦାନ୍ୟ ବ୍ୟକ୍ତିମାନେ ବିଜୁଙ୍କ ଏହି ବ୍ୟୟ ବହୁଳ ଚିକିତ୍ସା ନିମନ୍ତେ ସହଯୋଗର ହାତ ବଢାଇଲେ ତାଙ୍କ ଚିକିତ୍ସା ସମ୍ଭବ ହୋଇପାରିବ ବୋଲି ପରିବାର ତରଫରୁ ନିବେଦନ କରାଯାଇଛି।

# ଟାଟା ଷ୍ଟିଲ୍ ମାଇନିଂ ପକ୍ଷରୁ ସାଧାରଣତନ୍ତ୍ର ଦିବସ

କାଳିଆପାଣି,୨୮।୧(ଡି.ଏନ.ଏ.): ଯାଜପୁର ଜିଲାରେ କାର୍ଯ୍ୟରତ ଟାଟା ଷ୍ଟିଲ ମାଇନିଂ କମ୍ପାନୀ ପକ୍ଷରୁ ୭୪ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କମ୍ପାନୀ କଲୋନୀ ପରିସର ଷ୍ଟିୱାଟ ସ୍କୁଲ୍ ପଡ଼ିଆରେ ପ୍ରଞ୍ଚାମେଢ଼ ପ୍ରଦର୍ଶିତ ହେବା ସହ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ଓ କମ୍ପାନୀର ନିରାପତ୍ତା ରକ୍ଷୀମାନେ ପରେଡ୍ କରିଥିଲେ। କମ୍ପାନୀର ନିରାପତ୍ତାରକ୍ଷୀ ମୁଖ୍ୟ ଅଞ୍ଜନ ତିୱାରୀଙ୍କ ନେତୃତ୍ୱରେ ସିକ୍ୟୁରିଟିମାନେ ବିଭିନ୍ନ କଳା, କୌଶଳ ପ୍ରଦର୍ଶନ କରିଥିଲେ। ସେହିପରି ଷ୍ଟିୱାଟ ସ୍କୁଲ୍, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଶ୍ରମଶକ୍ତି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପରେଡ୍ କରିଥିଲେ। ସକାଳୁ ବିଦ୍ୟାଳୟଗୁଡିକର ଛାତ୍ରୀଛାତ୍ର ପ୍ରଭାତଫେରୀ କରି ଷ୍ଟିୱାଟ ସ୍କୁଲ ପଡ଼ିଆରେ ପହଞ୍ଚି ପରେଡରେ ଭାଗ ନେଇଥିଲେ। କମ୍ପାନୀର ବରିଷ୍ଠ ମହାପ୍ରବନ୍ଧକ ଶୁସାନ୍ତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ପରେଡ ଅଭିଭାଦନ ଗ୍ରହଣ କରିଥିଲେ। ଅନ୍ୟତମ ଅତିଥି ଭାବେ କଲୋନୀର ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ, ପ୍ରଶାସନିକ ସହ ମୁଖ୍ୟ ସଞ୍ଜୀବ ସାହୁ, ଖଣି ପରିଚାଳକ ଶମ୍ଭୁନାଥ ଝା’ ପ୍ରମୁଖ ଉପସ୍ଥିତ ଥିଲେ।



ଟାଟା ଷ୍ଟିଲ୍‌ର ଅଧିକାରୀ ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।

# ଉଦୟବଟ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଧର୍ମଶାଳା,୨୮।୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅନ୍ତର୍ଗତ ପରୁଣିଆସ୍ଥିତ ଉଦୟବଟ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ବ୍ୟାପୀ ଚାଲିଥିବା ଏହି କ୍ରୀଡ଼ାରେ ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ଡିସକସ ଥ୍ରୋ, ସଙ୍ଗୀତ ଓ ନୃତ୍ୟ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନଶିକ୍ଷକ ମୋହନ ଚରଣ ସାମଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ପାଠପଢ଼ା ସହିତ ଖେଳକୁଦରେ ଛାତ୍ରୀଛାତ୍ର ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ବିଭିନ୍ନ ଖେଳକୁଦରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରସଂଶା ପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଅତିଥି ଭାବେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ସମ୍ମାନିତ ଅତିଥି ପରୁଣିଆ ସରପଞ୍ଚ ବୈଶାଳୀ ରାଉତ, ସମିତିସଭ୍ୟ ଦୀପ୍ତିରଞ୍ଜନ ସାମଲ, ପରିଚାଳନା କମିଟି ସଭାପତି କାହ୍ନୁଚରଣ ସାମଲ, ପୂର୍ବତନ ସରପଞ୍ଚ କେଦାରନାଥ ଗନ୍ତାୟତ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ନୋଡାଲ ସ୍କୁଲର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷକ ଅନନ୍ତ ପ୍ରସାଦ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରସନ୍ନ କୁମାର ସାହୁ ବାର୍ଷିକ ବବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ମହେଶ୍ୱର ଜେନା ସାମନ୍ତ, ସାହିତ୍ୟିକ ବାମଦେବ ପାଢ଼ୀ, ମନୋରଞ୍ଜନ କର, ଶ୍ୟାମସୁନ୍ଦର ରାଉତ, ଗଗନ ବିହାରୀ ସାମଲ ଓ ନିରଞ୍ଜନ ବଳ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ବାଳକ ବିଭାଗରେ ବନ୍ଦନ ନାୟକ, ବାଳିକା ବିଭାଗରେ ନିବେଦିତା ସାମଲ ଓ କନିଷ୍ଠ ବାଳକ ବିଭାଗରେ ପରେଶ ମଲିକଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା।

# ସାରଦା, ବିମଳ ମେମୋରିଆଲ କ୍ରିକେଟ୍ ଉଦ୍‌ଯାପିତ

ଯାଜପୁର ଟାଉନ,୨୮।୧(ଡି.ଏନ.ଏ.): ସାରଦା ଓ ବିମଳ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଜଇଁମରାଠାରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ପ୍ରଭାତ କୁମାର ମହାନ୍ତି ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୪ଟି ଦଳ ଭାଗ ନେଇଥିଲେ। ଇଲେଭେନ୍ ସିଂହପୁର ସହିତ କମାଣ୍ଡୋ ଏନ୍.ସି.ସି ଜଇଁମରା ମଧରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ଇଲେଭେନ୍ ସିଂହପୁର ପ୍ରଥମ ବ୍ୟାଟିଂ କରି ୪ ଓଭର ଖେଳି ୩୨ରନ୍ ସଂଗ୍ରହ କରିଥିଲା। ଜବାବରେ କମାଣ୍ଡୋ ଏନ.ସି.ସି ଜଇଁମରା ୪ ଓଭର ଖେଳି ୨୮ରନ୍ କରି ପରଜୟ ବରଣ କରିଥିଲା। ସରସ୍ୱତୀ ପୂଜା କମିଟି ଜଇଁମରା ଆନୁକୂଲ୍ୟରେ ମୁଖ୍ୟଅତିଥି ଭାବେ ପ୍ରଭାତ କୁମାର ମହାନ୍ତି ଓ କମିଟିର ସଭାପତି ଅସିମ୍ ନାୟକ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସଞ୍ଜିତ ନାୟକ, ଚନ୍ଦନ ନାୟକ ଖେଳ ପରିଚାଳନା କରିଥିଲେ।

# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ

ରସୁଲପୁର,୨୮।୧(ଡି.ଏନ.ଏ.): ରସୁଲପୁର ବ୍ଲକର ବିଭିନ୍ନ ସ୍ଥାନରେ ୭୪ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଯାଜପୁର ଜିଲାର ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମୀଣ ଏକତା ମଞ୍ଚ ପକ୍ଷରୁ ସଭାପତି ଅଭିମନ୍ୟୁ ସାହୁ ପତାକା ଉତ୍ତୋଳନ କରିବା ପରେ ସଂଗଠନର ବିଭିନ୍ନ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ମଞ୍ଚ ପକ୍ଷରୁ ଜଗବନ୍ଧୁ ଜେନା, ଅନନ୍ତ ଆଚାର୍ଯ୍ୟ, ବିଜୟ ଦେଉରୀ, ରମାକାନ୍ତ ଗୁରୁ, ପ୍ରତାପ ସାହୁ, କହ୍ନେଇ ସାହୁ, ଦିଲୀପ ସାହୁ, ବାଙ୍କ ବିହାରୀ ସାହୁ, ଶ୍ରୀଧର ମଲିକ, ସତ୍ୟକାନ୍ତ ପାତ୍ର, ତ୍ରିନାଥ ସାହୁ, କମଳାକାନ୍ତ ସାହୁ, ଦେବେନ୍ଦ୍ର ପାତ୍ର ଓ ରବୀନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେହିପରି ହାଇଟେକ୍ ବିଜ୍ଞାନ ମହାବିଦ୍ୟାଳୟରେ ମୁଖ୍ୟଅତିଥି ଭାବେ ଅଧାପକ ଡ. କପିଳ ଚରଣ ମହାନ୍ତି ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାର୍ଥୀଙ୍କ ଉଦେଶ୍ୟରେ



ଗ୍ରାମୀଣ ଏକତା ମଞ୍ଚର କର୍ମକର୍ତ୍ତା ପତାକା ଉତ୍ତୋଳନ କରୁଛନ୍ତି।

ଆୟୋଜିତ ଉଦ୍‌ବୋଧନ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ସନ୍ଦୀପ କୁମାର ବିଶ୍ୱାଳ, କ୍ରିଷ୍ଣା ଦାସ, ଅଧାପିକା ଅଞ୍ଜୁସ୍ମିତା ବିଶ୍ୱାଳ, ଭାନୁପ୍ରିୟା ଲେଙ୍କା, ବର୍ଷାପ୍ରିୟଦର୍ଶିନୀ ସାହୁ, ଗୌତମୀ ମିଶ୍ର, ଶୁଭଶ୍ରୀ ଦାସ, ସ୍ମରଣିକା ସାହୁ, ସ୍ୱର୍ଣ୍ଣପ୍ରଭା ବେହେରା, ଅଙ୍କିତାମୟୀ ଓଝା ଓ ଶକ୍ତିପଦା ରାୟ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଭୋଟକା ପଞ୍ଚାୟତ ପ୍ରଲିପ୍ରଭା ବରିଷ୍ଠ ନାଗରିକ କେନ୍ଦ୍ର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ରମାକାନ୍ତ ଦାସ ପତାକା ଉତ୍ତୋଳନ କରିଥିଲେ। ଶିକ୍ଷାବିତ୍ ବିନୋଦ ବିହାରୀ ବେହେରା, ସୁରେନ୍ଦ୍ର ରାଉତ ଓ ନଗେନ୍ଦ୍ର କୁମାର ପତି ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତି ଯୋଗ ଦେଇଥିଲେ।

# ବୁଝାମଣା ରହିଲେ ଛାତ୍ରୀଛାତ୍ର ଆଗକୁ ବଢ଼ିପାରିବେ

**ବିଧାନ ଚନ୍ଦ୍ର ଏକାଡେମୀର ବାର୍ଷିକ କ୍ରୀଡ଼ା ଉତ୍ସବ**

ବରୀ,୨୮।୧(ଡି.ଏନ.ଏ.): ବରୀ ବ୍ଲକ୍ ଅଧୀନ ବାଲିଆପାଳସ୍ଥ ବିଧାନ ଚନ୍ଦ୍ର ଏକାଡେମୀର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ବିଦ୍ୟାଳୟ କର୍ମଚାରୀ ରାମଚନ୍ଦ୍ର ଦାସଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସୀତାକାନ୍ତ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଭାଗିରଥି ପାଣି ଯୋଗଦେଇ କେବଳ ଶିକ୍ଷା ନୁହେଁ ଶିକ୍ଷକ, ଛାତ୍ରୀଛାତ୍ରଙ୍କ ମଧରେ ଉତ୍ତମ ବୁଝାମଣା ରହିଲେ ଛାତ୍ରୀଛାତ୍ର ଆଗକୁ ବଢ଼ିପାରିବେ ଓ ସେମାନେ ସମାଜର ମାର୍ଗଦର୍ଶକ ସାଜି ପାରିବେ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧାପକ ଦାମୋଦର ବେହେରା ଯୋଗଦେଇ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଶୁଭେଚ୍ଛୁ ସହଯୋଗର ହାତ ବଢ଼ାଇଲେ ପ୍ରତି ବିଦ୍ୟାଳୟରୁ ଉତ୍ତମ ଛାତ୍ରୀଛାତ୍ର ଗଠନ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଶିକ୍ଷାଧିକାରୀ ଗୁରୁଚରଣ ଷଡ଼ଙ୍ଗୀ, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଡ. ପ୍ରଭଞ୍ଜନ ପତି, ପୂର୍ବତନ ପ୍ରଧାନଶିକ୍ଷକ ସୟଦ୍ ଅବଦୁଲ ଖଲ୍ଲିକ ଓ ପରିଚାଳନା କମିଟି ସଭାପତି ସୁଶାନ୍ତ ବିଶ୍ୱାଳ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା ସମ୍ବନ୍ଧୀୟ ବିଭିନ୍ନ ଉଦାହରଣ ଦେବା ସହ ବିଦାୟୀ କର୍ମଚାରୀ ଦାସଙ୍କ ଚାକିରି ଜୀବନର ଅଭୁଲା କଥାକୁ ବଖାଣିଥିଲେ। ସହକାରୀ ଶିକ୍ଷକ ଯତିକୃଷ୍ଣ ଓଝା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ୱୟଂପ୍ରଭା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ କ୍ରୀଡ଼ାର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ସହକାରୀ ଶିକ୍ଷୟିତ୍ରୀ ବିଦ୍ଧୁଶ୍ରୀ ମହାନ୍ତି ମାନପତ୍ର ପାଠ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ, ପରିଚାଳନା କମିଟିର ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ହିନ୍ଦୀ ଶିକ୍ଷକ ମନମୋହନ ସାହୁ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### କଲେଜ ଛାତ୍ରୀଙ୍କୁ ଏସିଡ୍ ପକାଇ ହତ୍ୟା ଧମକ

ବାଲିକୁଦା,୨୮।୧(ସ୍ୱ.ପ୍ର.): ବାଲିକୁଦା ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଏସିଡ୍ ପକାଇ ହତ୍ୟା କରିବାକୁ ଧମକ ଦିଆଯାଇଛି। ଏନେଇ ସମ୍ପୃକ୍ତ ଛାତ୍ରୀ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ. ୩୬/୨୩) ରୁଜୁ କରାଯାଇଛି। ଅଭିଯୋଗ ଅନୁଯାୟୀ, ତିର୍ତ୍ତୋଲ ଥାନା ନୂଆପଡା ଗାଁର ରଞ୍ଜିତ ଦାସ ଫୋନ ଯୋଗେ ଅଶ୍ଳୀଳ ମ୍ୟାସେଜ ପଠାଇବା ସହ ଖରାପ ଭାଷାରେ ଗାଳିଗୁଲଜ କରୁଛନ୍ତି। ଏଥିସହ ସମ୍ପୃକ୍ତ ଛାତ୍ରୀ ଓ ପରିବାରକୁ ଏସିଡ୍ ପକାଇ ମାରି ଦେବାକୁ ଧମକ ଦେଉଛନ୍ତି। ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସେ ୨୦୨୧ରେ ଯୁକ୍ତ ଦୁଇ ପଢୁଥିବା ସମୟରେ ରଞ୍ଜିତଙ୍କ ସହ ତାଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହାପରେ ଛାତ୍ରୀ ଜଣକ ଅଭିଯୁକ୍ତଙ୍କ ସହ ଘର ଛାଡି ପଳାଇଯାଇଥିଲେ। ଉଭୟ ପ୍ରାୟ ୭ ମାସ ଏକାଠି ରହିବା ପରେ ରଞ୍ଜିତ ପୂର୍ବରୁ ବିବାହିତ ବୋଲି ଜଣାପଡିଥିଲା। ଏହପରେ ସମ୍ପୃକ୍ତ ଛାତ୍ରୀ ସେଠାରୁ ଘରକୁ ଫେରିଆସି ରଞ୍ଜିତଙ୍କ ବିରୋଧରେ ଅପହରଣ ଓ ବଳାତ୍କାର ମାମଲା ରୁଜୁ କରିଥିଲେ। ଅଭିଯୋଗକୁ ଭିତ୍ତି କରି ରଞ୍ଜିତଙ୍କୁ ପୋଲିସ ଗିରଫ କରି ଜେଲ ପଠାଇ ଦେଇଥିଲା। ମାସେ ହେବ ସେ ବେଲ୍‌ରେ ଆସିବା ପରେ ଫୋନ କରି ଧମକ ଦେଉଥିବା ନେଇ ଛାତ୍ରୀ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ରଞ୍ଜିତ କହିଛନ୍ତି,ଏସବୁ ଅଭିଯୋଗର କୌଣସି ସତ୍ୟତା ନାହିଁ। ଅଭିଯୋଗକାରୀ ପରିବାରର ଲୋକଙ୍କ ଚାପରେ ପଡି ଏପରି ମିଥ୍ୟା ଅଭିଯୋଗ କରିଛନ୍ତି । ଏନେଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।

### ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ

ପଟ୍ଟାମୁଣ୍ଡାଇ,୨୮।୧(ସ୍ୱ.ପ୍ର.)-ପଟ୍ଟାମୁଣ୍ଡାଇ ବଣିକ ସଂଘ ଆନୁକୂଲ୍ୟରେ ୭୪ବର୍ଷ ଧରି ଆୟୋଜିତ ହୋଇଆସୁଥିବା ବିଶ୍ୱଶାନ୍ତି ମହାଯଜ୍ଞ ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଶୁକ୍ରବାର ଅଙ୍କୁରାରୋପଣ କରାଯିବା ପରେ ଶନିବାର କଳସ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, କୋଷାଧକ୍ଷ ପର୍ଶୁରାମ ଷଣ୍ଢ, ଉପଦେଷ୍ଟା କିରଣ କୁମାର ଭୂୟାଁ, ଅଚ୍ୟୁତ ଜେନା, ବିଜୟ କୁମାର ଦାସ, କାଉନସିଲର ବିଦ୍ୟାଧର ସେଠୀ,ସମ୍ବିତ ଦାସ, ପ୍ରମୁଖ ବହୁ ସଦସ୍ୟ ସାମିଲ ହୋଇ ବ୍ରାହ୍ମଣୀ ନଦୀରୁ ପବିତ୍ର ଜଳ ଆଣି ଯଜ୍ଞ ସ୍ଥଳରେ ପହଞ୍ଚିବା ପରେ ଯଜ୍ଞ ଆରମ୍ଭ କରାଯାଇଥିଲା। ଯଜ୍ଞରେ ବହୁ ଶାସ୍ତ୍ରଜ୍ଞ ବିଦ୍ୱାନ ଓ ପଣ୍ଡିତ ଯୋଗ ଦେଇ ମନ୍ତ୍ର ଧ୍ୱନି ଓ ଘୃତ ଆହୁତି ମଧ୍ୟରେ ଯଜ୍ଞ ଜାରି ରଖିଛନ୍ତି। ଏହି ଅବସରରେ ଖୋଲିଥିବା ମୀନା ବଜାର, ରାମ ଦୋଳି, ଚିଡ଼ିଆଖାନା, ଯାଦୁ ଓ ମ୍ୟାଜିକ ଆଦି ପିଲାମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ମହାମାରୀ କରୋନା ଯୋଗୁ ଗତ ଦୁଇ ବର୍ଷ ଧରି ଏହି କାର୍ଯ୍ୟକ୍ରମ ଫିକା ପଡ଼ିଥିଲା। ଚଳିତବର୍ଷ ଆଡମ୍ବର ସହକାରେ ସମସ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରତ୍ୟେହ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରଭୁଙ୍କ ଆଶୀର୍ବାଦ କାମନା କରିବା ସହିତ ମେଳାର ମଜା ଉଠାଉଛନ୍ତି। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ ଓ ଆଦର୍ଶ ଥାନା ଆଇଆଇସି ତପନ କୁମାର ରାଉତ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ବନ୍ଦୋବସ୍ତ କରିଛନ୍ତି। ଆସନ୍ତା ୫ ତାରିଖ ଅଗ୍ନିପୂର୍ଣ୍ଣିମା ଦିନ ପୂର୍ଣ୍ଣାହୂତି ଦିଆଯିବ।

# ଅପରାଜିତାଙ୍କ ଗସ୍ତକୁ ନେଇ ଚର୍ଚ୍ଚା

କେନ୍ଦ୍ରାପଡ଼ା ଅଫିସ,୨୮।୧


ପଦଯାତ୍ରାରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ।

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଶନିବାର କେନ୍ଦ୍ରାପଡ଼ା ଜିଲା ଗସ୍ତ କରିଥିଲେ। ସହରର ତିନିମୁହାଣୀଠାରୁ ଇଚ୍ଛାପୁରସ୍ଥିତ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପର୍ଯ୍ୟନ୍ତ ସେ ପଦଯାତ୍ରା କରିଥିଲେ । ତାଙ୍କର ଏହି ଗସ୍ତ କାର୍ଯ୍ୟକ୍ରମରେ ଜିଲା ଭାଜପାର ଅନେକ ନେତାଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ସହର ଓ ଆଖପାଖ ଅଞ୍ଚଳର କର୍ମକର୍ତ୍ତାଙ୍କୁ ଏକାଠି କରି ଅପରାଜିତା ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ଏବେ ଜିଲା ଭାଜପା ସଙ୍ଗଠନ ୪ ନେତୃତ୍ୱ ଆଡକୁ ଯାଉଛି ବୋଲି ଆଲେଚନା ଆରମ୍ଭ ହୋଇଯାଇଛି ।

ଏ ସମ୍ପର୍କରେ ରାଜନୈତିକ ବିଶ୍ଳେଷକ ଅମରବର ବିଶ୍ୱାଳ, ବିଧୁଭୂଷଣ ମହାପାତ୍ର, ବାନାମ୍ବର ସାହୁ ପ୍ରମୁଖ କହିଛନ୍ତି, ଗତ ସାଧାରଣ ନିର୍ବାଚନରେ ଜିଲାରେ ବିଜେଡି ଦବଦବା ସ୍ପଷ୍ଟ ହୋଇଥିଲା। ଏମ୍‌ପି, ୫ ବିଧାୟକ, ୯ ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ଅଧ୍ୟକ୍ଷ ବିଜେଡିରୁ ନିର୍ବାଚିତ ହୋଇଛନ୍ତି । ଏହାସତ୍ତ୍ୱେ ଜିଲାର ବିକାଶ ଅଗ୍ରଗତି ହେଉ ନ ଥିବା ଦର୍ଶାଇ ବିରୋଧୀ ଭାଜପା ଓ କଂଗ୍ରେସ ଆନ୍ଦୋଳନ ତଥା ରାଲିକୁ ଓହ୍ଲାଇଛନ୍ତି। ଗତ ନିର୍ବାଚନରେ ଜିତିଥିବା ବିଜେଡି ଏମ୍‌ପି ଅନୁଭବ ମହାନ୍ତି କେନ୍ଦ୍ରାପଡ଼ା ଜିଲା ରାଜନୀତିରେ ଅଦୃଶ୍ୟ ହୋଇଥିବାରୁ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଏହି ନିର୍ବାଚନ କ୍ଷେତ୍ର ଦଖଲ ପାଇଁ ନିଜ ଅନୁଯାୟୀ ସାଙ୍ଗଠନିକ କର୍ମକର୍ତ୍ତା ଚୟନ କରିଛନ୍ତି। ତେବେ ଏଠାରେ ଜିଲା ଭାଜପା ବୈଜୟନ୍ତଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବରିଷ୍ଠ ନେତା ବିଜୟ ମହାପାତ୍ର ଓ ଏବେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଗୋଷ୍ଠୀରେ ବିଭକ୍ତ ହୋଇଛି । ବୈଜୟନ୍ତଙ୍କ ଅନୁଗତମାନେ ଶନିବାର ଅନୁଷ୍ଠିତ ଜିଲା କାର୍ଯ୍ୟକାରିଣୀ ବୈଠକରେ ସାମିଲ ହୋଇଥିଲେ ମଧ୍ୟ ଏମ୍‌ପିଙ୍କ ପଦଯାତ୍ରାରେ ସାମିଲ ହୋଇ ନ ଥିଲେ । ଅନ୍ୟପକ୍ଷେ କାର୍ଯ୍ୟକାରିଣୀ ବୈଠକ ଓ ଅପରାଜିତାଙ୍କ ପଦଯାତ୍ରାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଓ ବିଜୟ ମହାପାତ୍ରଙ୍କ ଅନୁଗତମାନେ ବି ସାମିଲ ହୋଇ ନ ଥିଲେ । ବିଜୟ ମହାପାତ୍ର ଶୁକ୍ରବାର ଏହି ଜିଲା ଗସ୍ତ କରିଥିଲେ । ମାତ୍ର ଶନିବାର ଏମ୍‌ପିଙ୍କ ପଦଯାତ୍ରା ଅଥବା କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇ ନ ଥିବାରୁ ଭାଜପା ସହିତ ତାଙ୍କ ତାଳମେଳ ନ ଥିବା ସ୍ପଷ୍ଟ ହୋଇଛି । ଅପରପକ୍ଷେ ଧର୍ମେନ୍ଦ୍ରଙ୍କ ଅନୁଗତ ଭାବେ ଜଣାଶୁଣା ଭୁବନମୋହନ ଜେନା, ଦୁର୍ଯ୍ୟୋଧନ ସାହୁ ପ୍ରମୁଖଙ୍କୁ ଏହି ଦୁଇ କାର୍ଯ୍ୟକ୍ରମରେ ଦେଖିବାକୁ ମିଳି ନ ଥିଲା । ନଗର ସଭାପତି ଦିଲୀପ ଦାଶଙ୍କ ନେତୃତ୍ୱରେ ଏମ୍‌ପି ଷଡ଼ଙ୍ଗୀଙ୍କ ଗସ୍ତ କାର୍ଯ୍ୟକ୍ରମ ଆୟୋଜନ ହେବା ଓ ନଗର ସହ ଜିଲାର କେତେଜଣ କର୍ମକର୍ତ୍ତା ଯୋଗ ଦେବା ଘଟଣା ଏକ ନୂଆ ଗୋଷ୍ଠୀ ସୃଷ୍ଟି ହୋଇଥିବା ରାଜନୈତିକ ବିଶ୍ଳେଷକମାନେ ପ୍ରକାଶ କରିଛନ୍ତି ।

ଏସମ୍ପର୍କରେ ବରିଷ୍ଠ ନେତା ଭୁବନମୋହନ ଜେନା କହିଛନ୍ତି, ପୁରୀ ଜିଲା କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇଥିବାରୁ ଜିଲାର ଦୁଇ କାର୍ଯ୍ୟକ୍ରମରେ ସାମିଲ ହୋଇ ପାରିନାହାନ୍ତି । ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା କହିଛନ୍ତି, କାର୍ଯ୍ୟକାରିଣୀ ବୈଠକ ଥିବାରୁ ସେ ପଦଯାତ୍ରାରେ ସାମିଲ ହୋଇ ନ ଥିଲେ । ତେବେ ଦୁହୁରିଆଠାରେ ଏମ୍‌ପି ଷଡ଼ଙ୍ଗୀଙ୍କୁ ସ୍ୱାଗତ ଜଣାଇଛନ୍ତି । ଅପରାଜିତାଙ୍କୁ ଜିଲାରେ ସାଙ୍ଗଠନିକ ଶକ୍ତି ବହୁଧା ବିଭକ୍ତ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, ଏହା ତାଙ୍କର ବ୍ୟକ୍ତିଗତ ଗସ୍ତ କାର୍ଯ୍ୟକ୍ରମ ଥିଲା । ତେବେ ପଦଯାତ୍ରା ସମୟରେ ଦଳୀୟ କର୍ମକର୍ତ୍ତା ଓ କର୍ମୀଙ୍କ ଉତ୍ସାହ ରହିଥିଲା । ଫଳରେ ଆଶାଠାରୁ ଅଧିକ ଦଳୀୟ ଲୋକ ପଦଯାତ୍ରାରେ ସାମିଲ ହୋଇଥିଲେ ।

### ଗାଡ଼ି ଧକ୍କାରେ ଜଣେ ମୃତ

ରଘୁନାଥପୁର,୨୮।୧(ଡି.ଏନ୍.ଏ.)

ରଘୁନାଥପୁର ଥାନା ଅନ୍ତର୍ଗତ କଟକ ପାରାଦୀପ ରାସ୍ତାର ତାରପୁର ପୁରୁଣା ବଜାର ନିକଟରେ ଶନିବାର ବଡ଼ିଭୋରୁ ଏକ ଗାଡ଼ି ସହ ବାଇକ୍ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ବାଲିପାଟଣା ଗ୍ରାମର ସନ୍ତୋଷ ଦାସ, ବୟସ (୩୩)। ସେହିପରି ଗୁରୁତର ବ୍ୟକ୍ତି ଜଣଙ୍କ ହେଲେ ଗଞ୍ଜାମ ଜିଲା ଛତ୍ରପୁର ଅଞ୍ଚଳର ବାବୁରାଓ ରେଡ୍ଡୀ (୩୬)। ଉଭୟ ସ୍ଥାନୀୟ ରାଧାନଗର ଅଞ୍ଚଳର ଏକ ରାଇସ୍ ମିଲ୍‌ର ଟ୍ରକ୍ ଚାଳକ ଓ ହେଲ୍‌ପର ଭାବେ କାର୍ଯ୍ୟ କରନ୍ତି। ଚାଳକ ସନ୍ତୋଷ ଓ ଖଲାସି ବାବୁରାଓ କୌଣସି କାର୍ଯ୍ୟରେ ତାରପୁର ଆସୁଥିବାବେଳେ ଏକ ଗାଡ଼ି ତାଙ୍କ ବାଇକ୍‌କୁ ଧକ୍କା ଦେଇ ପଳାଇ ଯାଇଥିଲା। ଫଳରେ ଘଟଣାସ୍ଥଳରେ ଚାଳକ ସନ୍ତୋଷଙ୍କ ମୃତ୍ୟୁ ହୋଇଥିଲାବେଳେ ଖଲାସି ବାବୁରାଓ ଗୁରୁତର ହୋଇଛନ୍ତି। ଖବରପାଇ ରଘୁନାଥପୁର ଏସ୍‌ଆଇ ଅନିଲ କୁମାର ସାହୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏନେଇ ଥାନାରେ କେସ୍ (ନଂ.୨୩/୨୩) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଆଇଆଇସି ସୁଶାନ୍ତ କୁମାର ସେଠୀ କହିଛନ୍ତି।

# ରିଂ, ଫାଶୀ ଜାଲ ବ୍ୟବହାର ବନ୍ଦ କରିବାକୁ ନିର୍ଦ୍ଦେଶ


ମାଛଧରା ବନ୍ଦର ପରିସରରେ ମତ୍ସ୍ୟଜୀବୀମାନେ ଜାଲ ସଜାଡୁଛନ୍ତି।

ପାରାଦୀପ ୨୮।୧(ସ୍ୱ.ପ୍ର.)

- ସମୁଦ୍ରରୁ ହ୍ରାସ ପାଉଛି ମାଛ ବଂଶ
- ସରକାରୀ କଟକଣା ମାନୁନାହାନ୍ତି ମତ୍ସ୍ୟଜୀବୀ

ଓଡ଼ିଶା ଉପକୂଳର ୪୮୦ କି.ମି. ସମୁଦ୍ରରେ ଫାଶୀ ଓ ରିଂ ଜାଲ ବ୍ୟବହାର ଉପରେ ସରକାରୀ ଭାବେ କଟକଣା କରାଯାଇଛି। ଏହାସତ୍ତ୍ୱେ ଅନେକ ସ୍ଥାନରେ ମତ୍ସ୍ୟଜୀବୀମାନେ ୨ ପ୍ରକାର ଜାଲ ବ୍ୟବହାର କରୁଛନ୍ତି। ବିଶେଷକରି ପାରାଦୀପରେ ଏହା ଅଧିକ ଭାବେ ବ୍ୟବହାର ହେଉଛି। ଏହାକୁ ବନ୍ଦ କରିବା ପାଇଁ ଅତିରିକ୍ତ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ)କୁଜଙ୍ଗ ଗତ ଶୁକ୍ରବାର ପାରାଦୀପ ସାମୁଦ୍ରିକ ମତ୍ସ୍ୟ ଅଧିକାରୀଙ୍କୁ ଚିଠି (ନଂ.୨୯୦) କରିଛନ୍ତି। ଏହି ଚିଠି ଶନିବାର ପାରାଦୀପରେ ପହଞ୍ଚିବା ପରେ ବିଭାଗୀୟ କର୍ମଚାରୀମାନେ କେବଳ ନାମକୁ ମାତ୍ର ଫାଶୀ ଓ ରିଂ ଜାଲ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଓଡ଼ିଶା ସାମୁଦ୍ରିକ ମାଛଧରା ନିୟନ୍ତ୍ରଣ ଆଇନ ୧୯୮୧ ଅନୁସାରେ ଏହି ଦୁଇ ପ୍ରକାର ଜାଲ ଉପରେ ଅଙ୍କୁଶ ଲଗାଯାଇଛି। କାରଣ ଏହା ସମୁଦ୍ରରେ ବ୍ୟବହାର କଲେ ସେଥିରେ ସବୁ ପ୍ରକାର ମାଛ ଜାଲରେ ରହିଥାନ୍ତି। ଏହାଦ୍ୱାରା ମାଛ ଯାଆଁଳ ମରିଯାଆନ୍ତି। ଏଥିଯୋଗୁ ସମୁଦ୍ରରେ ମାଛ ବଂଶ କ୍ରମଶଃ ହ୍ରାସ ପାଇ ଚାଲିଛି। ଫାଶୀ ଜାଲ କିପରି କେମିତି ରହିବା ଦରକାର ସେଥିପାଇଁ ମାର୍ଗଦର୍ଶିକା ରହିଛି। ଯଥା ସୂତା ବା ନାଇଲନରେ ଏକାଧିକ ଖିଅ ଥିବା ଜାଲ ବ୍ୟବହାର ଯୋଗ୍ୟ। ଫାଶ ଥିବା ଫାଶୀ ଜାଲ ଲମ୍ବା ୩୦୦ ମିଟର, ଫାଶ ୧୪୦ ସେଣ୍ଟିମିଟର (ଅନ୍ୟୂନ ୬ ଇଞ୍ଚରୁ କମ)ସୂତାର ମୋଟେଇ ୦.୭ ମିମିରୁ କମ୍ ହୋଇଥିବା ଦରକାର। ଏପରି ଜାଲରେ ମାଛ ଧରିଲେ ବଡ଼ ମାଛ ରହିବେ। ଛୁଆ ମାଛ ବା ଯାଆଁଳଗୁଡିକ ଜାଲରୁ ବାହାରି ଯିବେ। ସେହିପରି ରିଂ ଜାଲ ଉପରୋକ୍ତ ମାନ ସହ ସମାନ। କିନ୍ତୁ ସେଥିରେ ମତ୍ସ୍ୟଜୀବୀମାନେ ତଳ ଭାଗରେ ଲୁହା ରିଂ ଲଗାଇ ଥାନ୍ତି।ସେଥିପାଇଁ ରିଂ ଜାଲ ନାମକରଣ କରାଯାଇଛି। ଏହି ଜାଲ ସମୁଦ୍ରରେ ମତ୍ସ୍ୟଜୀବୀମାନେ ଏକ ନର୍ଦ୍ଦିଷ୍ଟ ସ୍ଥାନରେ ଗୋଲାକାର କରି ପକାଇ ଦିଅନ୍ତି। ତଳେ ରିଂ ଥିବାରୁ ତାହା ମାଟି ପର୍ଯ୍ୟନ୍ତ ଲାଗିଥାଏ। ତାକୁ ଯାନ୍ତ୍ରିକ ଭାବେ ଟାଣିଲେ ସେଥିରେ ସମାନ ଅଞ୍ଚଳର ସବୁ ମାଛ ପଶି ଯାଆନ୍ତି। ଫଳରେ ଯାଆଁଳ ସବୁ ମରି ଯାଆନ୍ତି। ଏସବୁ କାରଣ ପାଇଁ କଟକଣା ଜାରି କରାଯାଇଛି। କିନ୍ତୁ ମତ୍ସ୍ୟଜୀବୀ ମାନେ ଅଧିକ ମାଛ ଧରିବା ପାଇଁ ଏପରି ଜାଲ ଅବାଧରେ ବ୍ୟବହାର କରୁଛନ୍ତି। ବିଶେଷକରି ଛୋଟଡଙ୍ଗାଗୁଡିକ ଏହାକୁ ଅଧିକ ବ୍ୟବହାର କରୁଛନ୍ତି। ଶୁକ୍ରବାର ଜାରୀ ଚିଠି ସମ୍ପର୍କରେ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ଜଗନ୍ନାଥ ରାଓଙ୍କୁ ପଚାରିଲେ କୁହନ୍ତି, ବିଭାଗ ପକ୍ଷରୁ ଶନିବାର ତନାଘନା କରିବାକୁ ଯାଇଥିଲେ। ଏହି ସମୟରେ ମତ୍ସ୍ୟଜୀବୀମାନେ ଦୁଇଦିନ ସମୟ ମାଗିଛନ୍ତି। ସେତିକି ସମୟ ଦିଆଯାଇଛି। ଏହାପରେ ରିଂ ଓ ଫାଶୀ ଜାଲ ଜବତ କରାଯିବ।

### କିନ୍ନରଙ୍କ ଅଧିକାର ସମ୍ପର୍କିତ କର୍ମଶାଳା

କୁଜଙ୍ଗ,୨୮।୧ (ଡି.ଏନ୍.ଏ.)

ପାରାଦୀପଗଡ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କୁଜଙ୍ଗ ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ କିନ୍ନରମାନଙ୍କ ଅଧିକାର ସମ୍ବନ୍ଧୀୟ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ କୁଜଙ୍ଗ ଅତିରିକ୍ତ ଜିଲା ଦୌରାଜଜ୍ ପାର୍ଥସାରଥି ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କିନ୍ନରମାନଙ୍କ ପାଇଁଥିବା ଅଧିକାର ଓ ଆଇନଗତ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ପାରାଦୀପଗଡ ସରପଞ୍ଚ ସସ୍ମିତା ବେହେରା, ଓକିଲ ସଂଘ ସମ୍ପାଦକ ଦାମୋଦର ସ୍ୱାଇଁ, ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ଅଭିଭାବକ-ଅଧ୍ୟାପକ ସମ୍ମିଳନୀ



ଅଭିଭାବକ-ଅଧ୍ୟାପକ ସମ୍ମିଳନୀରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ମାର୍ଶାଘାଇ,୨୮।୧(ଡି.ଏନ୍.ଏ.)

ଅଭିଭାବକ-ଅଧ୍ୟାପକ ସମ୍ମିଳନୀ ମାର୍ଶାଘାଇ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଅଧ୍ୟକ୍ଷ ପ୍ରଫେସର ଗୋବିନ୍ଦ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଯୁକ୍ତ ୨ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଯୋଗ ଦେଇ ଉନ୍ନତ ଶୈକ୍ଷିକ ପରିବେଶ, ଗୁଣାତ୍ମକ ଶିକ୍ଷାଦାନ ଓ ଛାତ୍ର ଉପସ୍ଥାନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ । ମହାବିଦ୍ୟାଳୟର ସାମଗ୍ରିକ ବିକାଶରେ ଅଭିଭାବକମାନଙ୍କ ସାହାଯ୍ୟ, ସହଯୋଗ ଓ ପରାମର୍ଶ ଉପରେ ମଧ ଆଲୋଚନା କରାଯାଇଥିଲା । ଶୈକ୍ଷିକ ଅଧିକାରିଣୀ ପ୍ରାଧାପିକା ଅନୁପମା ଦାସ, କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ଦିଲ୍ଲୀପ କୁମାର ସାହୁ, ଡ.ପ୍ରଭାତ ରଞ୍ଜନ ଲେଙ୍କା, ଉମେଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ଅଭିଭାବକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟର ମୁଖ୍ୟ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।

### ରାଗିଂ ବନ୍ଦ ଉପରେ ଗୁରୁତ୍ୱାରୋପ

ଲକ୍ଷ୍ମୀବରାହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ବୈଠକ

ଆଳି,୨୮।୧(ଡି.ଏନ୍.ଏ.)

ଶନିବାର କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଆୟତପୁରସ୍ଥିତ ଲକ୍ଷ୍ମୀବରାହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ -ଅଭିଭାବକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂସ୍କୃତ ବିଭାଗର ବରିଷ୍ଠ ଅଧ୍ୟାପକ ନୟନ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଧ୍ୟାପକ, ଅଧ୍ୟାପିକା, ଅଭିଭାବକ ଓ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଅଭିଭାବକମାନେ ସେମାନଙ୍କ ପିଲାମାନେ କିପରି ପାଠ ପଢା ପ୍ରତି ଆଗ୍ରହ ପ୍ରକାଶ କରିବେ ସେଥିପ୍ରତି ଅଧାପିକାଅଧ୍ୟାପିକମାନେ ଦୃଷ୍ଟି ଦେବା ସହିତ କିପରି ସେମାନେ ଦୈନିକ ପାଠ ପଢିବାକୁ ଆସିବେ ସେ ବିଷୟରେ ଆଲୋଚନା କରିଥିଲେ। ଏପରିକି ବିଦ୍ୟାଳୟ ପରିସରରେ କୌଣସି ରାଗିଂ ଯେପରି ନ ହେବ ସେ ସମ୍ପର୍କରେ ମତ ପ୍ରକାଶ ପାଇଥିଲା । ବୈଠକରେ ଶିକ୍ଷା ବିଭାଗର ଅଧାପକ ରବିନ୍ଦ୍ର କୁମାର ଦାଶ, ଇଂଲିଶ ଅଧାପକ ପ୍ରସନ୍ନ କୁମାର ଦାଶ,ରଞ୍ଜନ ରାଉତ, ଅର୍ଥନୀତି ବିଭାଗ ଅଧାପକ ରାଜୀବ ଲୋଚନ ଜେନା,ଅଞ୍ଜୁସ୍ମିତା ନାୟକ ନିଜ ମତାମତ ରଖିଥିଲେ । କାର୍ଯ୍ୟକ୍ରମ ଶେଷରେ ଓଡ଼ିଆ ବିଭାଗ ଅଧାପକ ଦୋଳ ଗୋବିନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ ଦାଶ, ସୁଶାନ୍ତ କୁମାର ପାତ୍ର,ଅରୁନ୍ଧତୀ ନାୟକ, ଶ୍ରାବଣୀ ଜେନା, ନରେନ୍ଦ୍ର କୁମାର ଦାସ, ଅବିନାଶ ସ୍ୱାଇଁ, ଶାନ୍ତିଲତା ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ ।

# ଭାଜପା ଜିଲା କାର୍ଯ୍ୟକାରିଣୀ ବୈଠକ



କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିବା ଭାଜପା କର୍ମକର୍ତ୍ତା ।

କେନ୍ଦ୍ରାପଡା ଅଫିସ, ୨୮।୧

**ସାଧାରଣ ନିର୍ବାଚନ ପାଇଁ ସଙ୍ଗଠନକୁ ଗୁରୁତ୍ୱ**

ସହରର ଗରାପୁରସ୍ଥିତ ଏକ କଲ୍ୟାଣ ମଣ୍ଡପରେ କେନ୍ଦ୍ରାପଡ଼ା ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଦଳୀୟ ସଙ୍ଗଠନକୁ ଗୁରୁତ୍ୱ ଦିଆଯାଇଛି । ଏହି ବୈଠକରେ ବରିଷ୍ଠ ନେତା ଅମର ନାୟକ, ଅଲେଖ ଜେନା, ଦୋଳଗୋବିନ୍ଦ ନାୟକ, ଉମାକାନ୍ତ ପଟ୍ଟନାୟକ, ତେଜେଶ୍ୱର ପରିଡା, ସୁନାକର ବେହେରା ପ୍ରମୁଖ ଯୋଗ ଦେଇଥିଲେ । କେନ୍ଦ୍ରାପଡ଼ା ଜିଲାର ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଠାରେ ଦଳୀୟ ନେତା ଦର୍ଶାଇଥିଲେ, ଜିଲାର ମୌଳିକ ଆବଶ୍ୟକତାକୁ ରାଜ୍ୟ ସରକାର ଆଦୌ ଗୁରୁତ୍ୱ ଦେଇନାହାନ୍ତି । ଅଣଭାଜପା ଗଡ଼ ଭାବେ ଚିହ୍ନଟ ହୋଇଥିବା କେନ୍ଦ୍ରାପଡ଼ାରେ ସର୍ବଦା ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଦେଖାଦେଇଛି । କର୍ମନିଯୁକ୍ତି ପାଇଁ ଜିଲା ବାହାରକୁ ଯୁବବର୍ଗଙ୍କୁ ଯିବାକୁ ପଡୁଛି । ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଆବାସ ଆଦି କ୍ଷେତ୍ରରେ ଜିଲାବାସୀ ବହୁ ପଛରେ ରହିଛନ୍ତି । କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବାରେ ଶାସକ ଦଳ ସର୍ବଦା ବାଧକ ସାଜିଛି । କେନ୍ଦ୍ର ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟ ଓ ଶାସକ ଦଳର ଅବହେଳା ସମ୍ପର୍କରେ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ଦଳୀୟ ସଙ୍ଗଠନକୁ ବୃଦ୍ଧି କରିବାକୁ ଏଠାରେ ଆହ୍ୱାନ ଦିଆ ଯାଇଥିଲା । ଏଥିସହିତ କୃଷକଙ୍କ ସମସ୍ୟାର ସମାଧାନ, ଆଇନ ଶୃଙ୍ଖଳା, ପାନୀୟ ଜଳ, ମହିଳା ସଶକ୍ତିକରଣ, ସ୍ୱାସ୍ଥ୍ୟସେବା, ଓବିସି ବର୍ଗଙ୍କୁ ଅଣଦେଖା, ସମବାୟ ସଂସ୍ଥା, ପର୍ଯ୍ୟଟନ ବିକାଶ, କୁପୋଷଣଆବାସ ଯୋଜନା, ଶିକ୍ଷା, ଦୁର୍ନୀତୀ ଆଦି ସମ୍ପର୍କରେ ରାଜନୈତିକ ଚିଠା ପ୍ରସ୍ତାବ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ସମନ୍ୱିତ ଶିଶୁ ବିକାଶ ଯୋଜନା ବାଟବଣା

ପଟ୍ଟାମୁଣ୍ଡାଇ,୨୮।୧(ସ୍ୱ.ପ୍ର.)


ପଟ୍ଟାମୁଣ୍ଡାଇର ଏକ ଅଙ୍ଗନୱାଡି କେନ୍ଦ୍ରକୁ ଆସିଥିବା ପିଲାମାନେ ।

ପଟ୍ଟାମୁଣ୍ଡାଇ ଶିଶୁ ଓ ମହିଳାଙ୍କ ବିକାଶ ପାଇଁ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ ହେଉଛି। ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତି ଗାଁରେ ଅଙ୍ଗନୱାଡି କେନ୍ଦ୍ର ଖୋଲା ଯାଇଥିବା ବେଳେ ଜଣେ ଅଙ୍ଗନୱାଡି କର୍ମୀ ଓ ଜଣେ ସହାୟିକାଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହ ବ୍ଲକସ୍ତରରେ ଜଣେ ଲେଖାଏ ସିଡିପିଓ (ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ)ଙ୍କୁ ନିଯୁକ୍ତି ଦିଆଯାଇଛି। ତେବେ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ଏହି ଯୋଜନାରେ ଅନିୟମିତତା ହେଉଥିବା ପରିଲକ୍ଷିତ ହେଉଛି। କେତେକ ସ୍ଥାନରେ ଅଙ୍ଗନୱାଡି ଗୃହ ନ ଥିବାରୁ ପିଲାମାନେ ସ୍ଥାନୀୟ ସ୍କୁଲ ବାରଣ୍ଡାରେ ବସି ପଢୁଛନ୍ତି। କେତେଗୋଟି କେନ୍ଦ୍ରର ପିଲାଙ୍କ ପାଇଁ ଆସୁଥିବା ପୁଷ୍ଟିକର ଖାଦ୍ୟ ହଡ଼ପ କରାଯାଉଥିବା ଭଳି ଅଭିଯୋଗ ମଧ ହେଉଛି।

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ୨୦ଟି ୱାର୍ଡ ଓ ବ୍ଲକ ଅଧୀନରେ ଥିବା ୩୧ ପଞ୍ଚାୟତରେ ମୋଟ ୨୭୮ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି। ସମସ୍ତ ଅଙ୍ଗନୱାଡି ପାଇଁ ଗୃହ ନିର୍ମାଣ ନିମନ୍ତେ ସରକାର ଅର୍ଥ ମଞ୍ଜୁର କରିଛନ୍ତି। ମାତ୍ର ସେଥିମଧ୍ୟରୁ ୧୯୭ ଗୃହ ଶେଷ ହୋଇଥିବା ବେଳେ ଅବଶିଷ୍ଟ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଚାଲିଛି। ୩୭ କେନ୍ଦ୍ର ପାଇଁ ଜାଗା ଚିହ୍ନଟ ହୋଇନାହିଁ। ଅନ୍ୟପକ୍ଷେ ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କ ପାଇଁ ସରକାର ଯୋଗାଉଥିବା ପୁଷ୍ଟିକର ଖାଦ୍ୟକୁ କର୍ମୀମାନେ ଅଙ୍ଗନୱାଡି ଗୃହରେ ନ ରଖି ନିଜ ଘରେ ରଖୁଥିବା ଅଭିଯୋଗ ହୋଇଛି। ଏଥିସହ ଖାତାରେ ଅଧିକ ପିଲାଙ୍କ ଉପସ୍ଥାନ ଦର୍ଶାଇ କର୍ମୀମାନେ ପିଲାଙ୍କ ଖାଦ୍ୟ ହଡ଼ପ କରୁଛନ୍ତି। ଅନ୍ୟପକ୍ଷେ ପଟ୍ଟାମୁଣ୍ଡାଇ ଅଞ୍ଚଳର ୨୭୮ଟି କେନ୍ଦ୍ର ପରିଚାଳନା ଦାୟିତ୍ୱ ସିଡିପିଓଙ୍କ ହାତରେ ରହିଛି। ମାତ୍ର କରୋନାଠାରୁ ସିଡିପିଓ ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟସ୍ତ ରହୁଥିବାରୁ କେନ୍ଦ୍ର ଭିଜିଟ୍ କରିପାରୁନାହାନ୍ତି। ସୁପରଭାଇଜର ନିଜ ଖର୍ଚ୍ଚରେ କେନ୍ଦ୍ର ତଦାରଖ କରୁଛନ୍ତି ବୋଲି ସିଡିପିଓ ମୁକ୍ତରୀ ବେଗମ୍ କହିଛନ୍ତି। ଶିଶୁ ବିକାଶ ଯୋଜନା ସୁପରିଚାଳନା ପାଇଁ ଯେଉଁ ସୁପରଭାଇଜର ଅଛନ୍ତି, ସେମାନେ କେନ୍ଦ୍ର ତଦାରଖ କରିବା ପରିବର୍ତ୍ତେ ଅଫିସରେ ଟାଇମ ପାସ କରୁଥିବା ଅଭିଯୋଗ ହେଉଛି। ତେବେ ଏହି ଯୋଜନାର ସୁପରିଚାଳନା ପାଇଁ ଆବଶ୍ୟକ ଅଙ୍ଗନୱାଡି ଗୃହ ନିର୍ମାଣ କରାଯାଉ, ସୁପରଭାଇଜର ସମସ୍ତ କେନ୍ଦ୍ର ସବୁଦିନ ତଦାରଖ କରିବା ଦିଗରେ ଜିଲାପାଳ ଦୃଷ୍ଟି ଦେବାକୁ ପଟ୍ଟାମୁଣ୍ଡାଇ କଂଗ୍ରେସ ସଭାପତି ମଳୟ ଦାସ, ସତ୍ୟପ୍ରିୟ ସାମଲ, ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ସିଡିପିଓ ବେଗମ୍‌ଙ୍କୁ ପଚାରିବାରେ ସୁପରଭାଇଜରଙ୍କ ପାଇଁ ଗାଡ଼ି ନ ଥିବାରୁ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ ପାଇଁ ଅସୁବିଧା ହେଉଛି। ବେଳେବେଳେ ଗରାଇ ଗାଡ଼ି ନେଇ ସେମାନେ କେନ୍ଦ୍ର ତଦାରଖରେ ଯାଉଛନ୍ତି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାଲିଗୁଡା,୨୮।୧(ଡି.ଏନ.ଏ.)- ବାଲିଗୁଡ଼ାସ୍ଥିତ ଆଦିବାସୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଦୁଇଟି ପର୍ଯ୍ୟାୟରେ ଆୟୋଜିତ ହୋଇ ଉଦ୍‌ଯାପିତ ହୋଇଯାଇଛି। ସଂଯୁକ୍ତା ନାୟକ ଏହି କାର୍ଯ୍ୟକ୍ରମର ସଂଯୋଜିକା ଥିବା ବେଳେ ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ସି ସଭାପତି ଆସନ ଗ୍ରହଣ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ପ୍ରତ୍ୟୁଷ ରଞ୍ଜନ ଶତପଥୀ, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରାଧାପକ ସୁରେଶକୁମାର ଦାସ, ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ଡ.ମଧୁସୂଦନ ମହାପାତ୍ର ଯୋଗଦେଇ ପ୍ରଶିକ୍ଷଣ ଶିବିରର ଅପରିହାର୍ଯ୍ୟତା ସମ୍ପର୍କରେ ବୁଝାଇଥିଲେ। ଉପସ୍ଥିତ ଅତିଥିମାନେ ପ୍ରଶିକ୍ଷାର୍ଥିନୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

### କୁଉତୁଲି ବିଦ୍ୟାଳୟରେ ପ୍ରଥମ ବାର୍ଷିକ ଉତ୍ସବ

କ.ନୂଆଗାଁ ୨୮।୧(ଡି.ଏନ୍.ଏ.)-କ.ନୂଆଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଥମ ବାର୍ଷିକୀ ଉତ୍ସବ ପାଳନ ହୋଇଯାଇଛି। ଏଥିରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ପଦ୍ମଶ୍ରୀ ପୂର୍ଣ୍ଣବାସୀ ଜାନି, ଅତିରିକ୍ତ ଶିକ୍ଷା ଅଧିକାରୀ ହରିହର ମଲ୍ଲିକ, ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ପାତ୍ର, ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା ଯୋଗଦେଇଥିଲେ। ଏଥିସହିତ ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟର ଅଧକ୍ଷ ସୁଧାଂଶୁ ଶେଖର ମେହେର ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଥମେ ବିଦ୍ୟାଳୟର ଛାତ୍ରୀଛାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟର ଅଧକ୍ଷ କବିରାଜ ଜଗତ୍ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହାପରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅରବିନ୍ଦ ବନଛର ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ରାଜକିଶୋର ସ୍ୱାଇଁ, ଲକ୍ଷ୍ମୀକାନ୍ତ ସାହୁ, ଅଶୋକ କୁମାର ଭୁଜ,ଗୀତାଞ୍ଜଳୀ ମଲିକ, ରାଜେଶ କୁମାର ପଦକା, ହାଡିବନ୍ଧୁ ନାୟକ, ଯୁଧିଷ୍ଠିର ରଣା, ଅରୁଣ ବଳିଆର ସିଂ ଓ ନାରାୟଣ କହଁରଙ୍କ ସହଯୋଗ ହୋଇଯାଇଛି।

### ବିଜେଡି ପ୍ରତିଷ୍ଠା ଦିବସ ପ୍ରସ୍ତୁତି

ସୋରଡ଼ା,୨୮।୧(ଡି.ଏନ୍.ଏ.)ବିଜେଡିର ପ୍ରତିଷ୍ଠା ଦିବସ ପାଳନ ପାଇଁ ଶନିବାର ଏଠାରେ ଦଳୀୟ କାର୍ଯ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ,ଏନ୍ଏସି ଅଧକ୍ଷ ଶିବଶଙ୍କର ପଣ୍ଡାଙ୍କ ସମେତ ବେଲଗୁଣ୍ଠା ଓ ସୋରଡା ଏନଏସି, ବ୍ଲକଗୁଡ଼ିକରୁ ସମସ୍ତ ଦଳୀୟ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ, ପଞ୍ଚାୟତ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ସର୍ବସମ୍ମତି କ୍ରମେ ଆସନ୍ତା ଫେବୃୟାରୀ ୮ ତାରିଖରେ ପ୍ରତିଷ୍ଠା ଦିବସ ପାଳନ ପାଇଁ ନିଷ୍ପତ୍ତି ହୋଇଥିବା ଜିଲା ପରିଷଦ ରାଜେଶ ସାହୁ ସୂଚନା ଦେଇଛନ୍ତି।

# ବାର୍‌ହା ଉପଦ୍ରବ: ଫସଲ ନଷ୍ଟ, ଚିନ୍ତାରେ ଚାଷୀ

**ପାରଳାଖେମୁଣ୍ଡି, ୨୮।୧ (ଡି.ଏନ୍.ଏ):**

ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଇଂଲିଶପେଣ୍ଠ, ଉତ୍ତରସେଲ୍ଲି, ଜଙ୍ଗଲପାଡୁ, ବଡ଼ନୀଳାପୁର ଆଦି ଅଞ୍ଚଳରେ ବାର୍‌ହା ଉପଦ୍ରବ ଯୋଗୁ ବ୍ୟାପକ ଅମଳ ଧାନ ନଷ୍ଟ ହୋଇଥିବା ବେଳେ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି। ବାର୍‌ହା ଉପଦ୍ରବକୁ ନେଇ ଗତ ୩ମାସ ହେଲା ବିଭିନ୍ନ ସ୍ତରରେ ଗୁହାରି କରୁଥିଲେ ମଧ କେହି ଶୁଣୁନଥିବା ଅଭିଯୋଗ କରିଛନ୍ତି ଚାଷୀ। ଗୋଟିଏ ପଟେ ବାର୍‌ହା ଉପଦ୍ରବ ଯୋଗୁ ଚାଷୀର ବର୍ଷତମାମ ଅମଳ ଉଜୁଡ଼ି ଯାଇଥିବା ବେଳେ ଅନ୍ୟପଟେ ମିଲରମାନଙ୍କ ଦାୟିତ୍ୱହୀନତା ଯୋଗୁ ଚାଷୀ ଧାନ ବିକ୍ରି କରି ନ ପାରି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି। ମିଲରମାନେ ଟୋକନ୍ ଧାର୍ଯ୍ୟ ତାରିଖରେ ଧାନ କ୍ରୟ କରୁ ନ ଥିବାରୁ ଚାଷୀମାନେ ବାଧ ହୋଇ ଅମଳ ଧାନ ଖଳାରେ ପକାଇ ରଖିଛନ୍ତି। ଆଉ କେତେକ ଚାଷୀ ପାଲ ଘୋଡ଼ାଇ ରଖିଛନ୍ତି। ମଣ୍ଡିରେ ଧାନ ବିକ୍ରି ପାଇଁ ଟୋକନ ପ୍ରଦାନ କରାଯାଇଥିବା ଏବଂ ଧାର୍ଯ୍ୟ ତାରିଖରେ ମିଲର ଧାନ ନ ନେବା ଯୋଗୁ ଅମଳ ଧାନଗୁଡ଼ିକୁ ନା ଘରକୁ ନେଇ ପାରୁଛନ୍ତି ନା ମିଲରଙ୍କୁ ଦେଇ ପାରୁଛନ୍ତି। ତେଣୁ ଖଳା ତଥା ଜମିରେ ଥିବା ଧାନଗଦା ତଥା ବସ୍ତାଗୁଡ଼ିକୁ ରାତିରେ ବାର୍‌ହା ଖାଇ ନଷ୍ଟ କରୁଛନ୍ତି। କ୍ଷତି ଧାନର ଭରଣା କେମିତି ହେବ ବୋଲି ଚିନ୍ତାରେ ରହିଛନ୍ତି ଚାଷୀ। ଜଙ୍ଗଲପାଡୁ ଗ୍ରାମର ହରିକୃଷ୍ଣ ନାୟକଙ୍କ ପ୍ରାୟ ୨୨ବସ୍ତା ଧାନ ଶୁକ୍ରବାର ରାତିରେ ବାର୍‌ହା ସମ୍ପୂର୍ଣ୍ଣ ନଷ୍ଟ କରିଥିବା ବେଳେ ବାବୁଲା ପାତ୍ର, ଦିବାକର ଜେନା, କୃଷ୍ଣ ପାତ୍ର, ସଞ୍ଜୟ ଜେନା, ନିରଞ୍ଜନ ପାତ୍ର ପ୍ରମୁଖଙ୍କ ବ୍ୟାପକ ପରିମାଣର ଧାନ ନଷ୍ଟ ହୋଇଥିବା କହିଛନ୍ତି। ଉତ୍ତରସେଲ୍ଲୀ ଗ୍ରାମର ଟୁକୁଲା ଜେନା, ନକୁଳ ଜେନା, ସନ୍ତୋଷ ସାମଲ, ଓ. କୃଷ୍ଣମୂର୍ତ୍ତି ପ୍ରମୁଖଙ୍କ ଧାନଗୁଡ଼ିକୁ ନଷ୍ଟ କରିଛନ୍ତି ବାର୍‌ହା। ସେହିପରି ଇଂଲିଶପେଣ୍ଠ ଗ୍ରାମର ଏନ୍. ଲକ୍ଷ୍ମୀ ନାରାୟଣା, ଏ. ରାମସ୍ୱାମୀ, ପି. ଇନ୍ଦୁଙ୍କ ଧାନଗୁଡ଼ିକୁ ନଷ୍ଟ କରିଥିବା ଜଣାଇଛନ୍ତି। ଏହି ଗ୍ରାମରେ ପ୍ରାୟ ୧୦୦ ବସ୍ତା ଧାନ ନଷ୍ଟ ହୋଇଥିବା ଜଣାପଡ଼ିଛି। ଧାନବସ୍ତାଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ନେବାକୁ ହେଲେ ବସ୍ତା ପିଛା ୧୦୦ଟଙ୍କା ଖର୍ଚ୍ଚ ହେଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ୩ବର୍ଷ ହେଲା ବାର୍‌ହା ଧାନ ନଷ୍ଟ କରୁଥିଲେ ମଧ ସରକାରଙ୍କ ତରଫରୁ ଟଙ୍କାଟିଏ ବି କ୍ଷତିପୂରଣ ପାଇନାହାନ୍ତି ବୋଲି ଚାଷୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ବନ ବିଭାଗ ତରଫରୁ କେବଳ ମୋବାଇଲ ଆପ୍‌ରେ କ୍ଷତିଭରଣା ପାଇଁ ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯାଉଛି । ହେଲେ ଚାଷୀମାନଙ୍କ ନିକଟରେ ଆଣ୍ଡ୍ରଏଡ ଭଳି ମୋବାଇଲ ହ୍ୟାଣ୍ଡସେଟ ନ ଥିବାରୁ ଏହି ଆପ୍‌ଗୁଡ଼ିକ କିଭଳି ଡାଉନ୍‌ଲୋଡ କରି କ୍ଷତିଭରଣା ପାଇଁ ଆବେଦନ କରିବେ, ସେ ନେଇ ଚିନ୍ତାରେ ପଡ଼ିଛନ୍ତି।


ବାର୍‌ହା ଉପଦ୍ରବରେ ଅମଳ ଧାନ ନଷ୍ଟ ହୋଇଥିବା ଚାଷୀମାନେ ଚିନ୍ତାରେ।

# କୋଦଳା ଏନ୍‌ଏସିରେ ତେଜୁଛି ରାଜନୈତିକ ବିବାଦ

**ବେଗୁନିଆପଡ଼ା,୨୮।୧**

ଗଞ୍ଜାମ ଜିଲା କୋଦଳା ଏନ୍‌ଏସିର ସାଧାରଣ ବୈଠକରେ ପୁଣି ଥରେ ହୋ ହାଲ୍ଲା ଦେଖିବାକୁ ମିଳିଛି। ବାଦ ବିବାଦକୁ ନେଇ ପୂର୍ବ ବୈଠକ ବନ୍ଦ ହୋଇଯାଇଥିବା ବେଳେ ଶନିବାର ପୁଣିଥରେ ବୈଠକରେ ରାଜନୈତିକ ବିବାଦ ଉପୁଜିଛି। ଉକ୍ତ ଏନ୍‌ଏସିରେ ଭାଜପାର ଅଧକ୍ଷଙ୍କ ସମେତ ୮ କାଉନସିଲର ନିର୍ବାଚିତ ହୋଇଥିବା ବେଳେ ବିଜେଡ଼ିର ୪ ଓ ଜଣେ ସ୍ୱାଧୀନ ଭାବେ ନିର୍ବାଚିତ ହୋଇଥିଲେ। ତେବେ ନିର୍ବାଚନ ପରଠାରୁ ଜଣେ ବିଧାୟିକାଙ୍କ ଇଙ୍ଗିତରେ ପ୍ରଶାସନ କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି ଭାଜପାର ଅଧକ୍ଷ ଓ କାଉନସିଲରମାନେ। ପୂର୍ବ ନିର୍ଦ୍ଧାରିତ ଅନୁସାରେ ବୈଠକ ପାଇଁ ସ୍ଥିର ହୋଇଥିଲା। ଏଥିରେ ବିଧାୟିକାଙ୍କୁ ଅତିଥି ଭାବେ ଡକା ଯାଇଥିବା ବେଳେ ଅଧକ୍ଷ, ଉପାଧକ୍ଷା, କାଉନସିଲରମାନଙ୍କୁ ନେଇ ବୈଠକ ହୋଇଥିଲା। ତେବେ ବୈଠକ ଆରମ୍ଭରୁ ହିଁ ଅଧକ୍ଷ ଓ ବିଜେଡ଼ି କାଉନସିଲରମାନଙ୍କ ମଧ୍ୟରେ ଅଯଥା ବିବାଦ ସୃଷ୍ଟି ହୋଇଥିଲା। ଏଥିରେ ବିଧାୟିକାଙ୍କ ଅଯଥା ହସ୍ତକ୍ଷେପ ଯୋଗୁଁ ବୈଠକରେ ପ୍ରବଳ ପାଟିତୁଣ୍ଡ ଦେଖିବାକୁ ମିଳିଥିଲା। ଏହାରି ଭିତରେ ଅଧକ୍ଷ ବୈଠକ ଜାରି ରଖିବା ସହ ରେଜଲୁସନ ପାସ୍ କରାଇଥିଲେ। ତେବେ ପ୍ରଶାସନିକ ଅଧିକାରୀ, ବିଧାୟିକା ଓ ବିଜେଡ଼ି କାଉନସିଲରମାନେ ଗୃହ ଛାଡି ଚାଲିଯାଇଥିଲେ। ତେବେ ଉକ୍ତ ଏନ୍‌ଏସିରେ ବାରମ୍ବାର ରାଜନୈତିକ ଷଡଯନ୍ତ୍ର ଯୋଗୁଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଆଗେଇ ପାରୁନି। ଜଣେ ସ୍ଥାୟୀ ନିର୍ବାହୀ ଅଧିକାରୀ ନଥିବାରୁ ପ୍ରଶାସନିକ ଅଧିକାରୀମାନେ ମନମୁଖୀ କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ଭାଜପା କାଉନସିଲରମାନେ।


ଏନ୍‌ଏସି ସାଧାରଣ ବୈଠକରେ ଉପସ୍ଥିତ ବିଧାୟିକା ଓ ଅନ୍ୟ ପଦାଧିକାରୀ।

# କୃଷ୍ଣସାର ମୃଗ ଗଣନା ପ୍ରଶିକ୍ଷଣ ଶିବିର

**ଆସିକା ୨୮।୧ (ଡି.ଏନ.ଏ)**

ଆସିକା–ବାଲିପଦର ମୁଖ୍ୟରାସ୍ତାର ଚାରିମାଇଲିସ୍ଥିତ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଶନିବାର କୃଷ୍ଣସାର ମୃଗ ଗଣନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଘୁମୁସର ଦକ୍ଷିଣ ବନଖଣ୍ଡ ଅଧିକାରୀ ଦିଲ୍ଲୀପ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରକୁ ବ୍ରହ୍ମପୁର ଖଲିକୋଟ ଏକକ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ ଚରଣ ମହାନ୍ତି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ସହ ବନସଂରକ୍ଷକ ପ୍ରଭାକର ନାୟକ, ଅଧାପକ ଶଙ୍କର ପ୍ରସାଦ ଅଧିକାରୀ, କୃଷ୍ଣସାର ମୃଗ ସୁରକ୍ଷା କମିଟିର ସଭାପତି ଅମୂଲ୍ୟ ଉପାଧାୟ ଯୋଗଦେଇଥିଲେ। ପ୍ରଶିକ୍ଷକ ଭାବେ ଚିତ୍ରସେନ ସେଠୀ, ଡ. ଉଦୟ ଦାସ, ଆକାଶ ରଥ, ଉମାକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ମୃଗ ଗଣନା ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଭାବେ ଅବୈତନିକ ବିନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଳପାଣି ଶତପଥି ଯୋଗଦେଇଥିଲା ବେଳେ ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରବିବାର ମୃଗ ଗଣତି ଲାଗି ଆସିକା ବନାଞ୍ଚଳରେ ୨୬ଟି, ବୁଗୁଡା ବନାଞ୍ଚଳରେ ୨୮ଟି ଓ ପୋଲସରା ବନାଞ୍ଚଳରେ ୧୦ଟି ଟିମ ଗଠନ କରାଯାଇଥିଲା ବେଳେ ପ୍ରତ୍ୟେକ ଟିମରେ ୩ରୁ ୪ଜଣ ଲେଖାଏଁ ସଦସ୍ୟ ରହିଛନ୍ତି।



ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି ।

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଆସିକା, ୨୮।୧ (ଡି.ଏନ.ଏ):

ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ଲାଗି ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଛି । କଲେଜ ଅଧକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ରୂପେ ଆତ୍ମରକ୍ଷା ପ୍ରଶିକ୍ଷଣର ଜିଲ୍ଲା ସମନ୍ୱୟ ଅଧିକାରୀ ଡ. ଅମ୍ରିତ କୁମାର ସେଠୀ ଏବଂ ମୁଖ୍ୟବକ୍ତା ରୂପେ ଖଲିକୋଟ ଜୁନିଅର କଲେଜର ଅଧାପିକା ସନ୍ଧ୍ୟାରାଣୀ ପଟ୍ଟନାୟକ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ଛାତ୍ରୀମାନଙ୍କ ଲାଗି ଆତ୍ମସୁରକ୍ଷା କୌଶଳର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।। ଅଧାପିକା ସାପା ରଞ୍ଜିତା ରାଣୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ବିଦ୍ୟାଳୟର ବାର୍ଷିକୋତ୍ସବ

**ଆସିକା, ୨୮।୧(ଡି.ଏନ.ଏ):**

ଆସିକା ବ୍ଲକ ଅନ୍ତର୍ଗତ ମୁନିଗାଡିସ୍ଥିତ ଉତ୍ସବେଶ୍ୱର ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଦିଗାମ୍ବର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମୁନିଗାଡି ସରପଞ୍ଚ ସବିତା ସ୍ୱାଇଁ ଏବଂ ମୁଖ୍ୟବକ୍ତା ରୂପେ କେନ୍ଦୁପଦର କଲେଜ ଅଧକ୍ଷ ଡ. ସୁରେନ୍ଦ୍ର ନାଥ ସାବତ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରକାଶଚନ୍ଦ୍ର ସାହୁ, ଏଙ୍କର ସାହୁ, ଦିବାକର ପୋଲାଇ, ନମିତା ବିଷୋୟୀ, ନିରଞ୍ଜନ ପରିଡା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଶୃଙ୍ଖଳିତ ମନୋଭାବ ସହ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଅଧୟନ କଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ପରାମର୍ଶ ଦେଇଥିଲେ।

# ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ବୈଠକ

**ଭଞ୍ଜନଗର,୨୮।୧(ଡି.ଏନ୍.ଏ)**

ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ଭଞ୍ଜନଗର ଶାଖାର ଏକ ବୈଠକ ସ୍ଥାନୀୟ ଲାଲ୍‌ସିଂ ନର୍ସରୀ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଘର ବିଭିନ୍ନ ସମସ୍ୟା ଓ ତାହାର ନିରାକରଣ ଉପରେ ଆଲୋଚନା ହୋଇଥିଲା। ଆଗାମୀ ୮ ତାରିଖରେ ଗୋଳାବନ୍ଧଠାରେ ହେବାକୁ ଥିବା ସମ୍ମିଳନୀକୁ କିଭଳି ସଫଳ କରାଯିବ, ସେ ଉପରେ ଆଲୋଚନା ହୋଇଥିଲା। ବୈଠକରେ ସଂଘ ସଭାପତି କ୍ୟାପ୍‌ଟେନ ଖଗେଶ୍ୱର ଗୌଡ଼ ଅଧକ୍ଷତା କରିଥିଲେ। ଉପସଭାପତି ସୁବେଦାର ତ୍ରିନାଥ ଗୌଡ଼, ସମ୍ପାଦକ କ୍ୟାପ୍‌ଟେନ ମହେନ୍ଦ୍ର କୁମାର ସ୍ୱାଇଁ, ସହ ସମ୍ପାଦକ ବି. ସି. ସାହୁ, କ୍ୟାପଟେନ୍ କୃଷ୍ଣଚନ୍ଦ୍ର ନାୟକ, କ୍ୟାପ୍‌ଟେନ୍ ବି. କେ. ବେହେରା, ସୁବେଦାର ସୀମାଞ୍ଚଳ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।


ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# କୁଇ ଭାଷା ସାହିତ୍ୟ କର୍ମଶାଳା, କବିତା ପାଠୋତ୍ସବ

**ଫୁଲବାଣୀ ଅଫିସ, ୨୮।୧**

ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସଭାଗୃହରେ କୁଇ ଭାଷା ସାହିତ୍ୟ କର୍ମଶାଳା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ଏଥିରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଆଲୋଚକ ଭାବେ ଗବେଷକ ଡ. ପରମାନନ୍ଦ ପଟେଲ୍ ଯୋଗଦେଇ କୁଇ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସ୍ଥାନୀତ କରିବା ଉପରେ ଜୋର ଦେଇଥିଲେ। ଏଥିସହ କୁଇ ସାହିତ୍ୟର ରୂପରେଖ ଉପରେ ଆଲୋଚନା କରିଥିଲେ। ପିଏ ଆଇଟିଡିଏ ନରେଶ ଚନ୍ଦ୍ର ଶବର, ଡା. ନୀରଦ ଚନ୍ଦ୍ର କହଁର କୁଇ ଭାଷାର ପ୍ରଚାର ଓ ପ୍ରସାର ସମସ୍ତସ୍ତରରେ ଉଦ୍ୟମ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଭାକର ପ୍ରଧାନ, ଭାସ୍କର ପ୍ରଧାନ, ଲମ୍ବୋଦର କହଁର ପ୍ରମୁଖ କୁଇ ଭାଷାରେ କଥାବାର୍ତ୍ତା ହେବା ଉପରେ ଆଲୋଚନା କରିଥିଲେ। ନରୋତମ ପ୍ରଧାନ ସ୍ୱାଗତ ଭାଷଣ ଓ ସଦାଶିବ ପାତ୍ର ଧନ୍ୟବାଦ ଦେଇଥିଲେ।

ଦ୍ୱିତୀୟ ଅଧିବେଶନରେ କୁଇ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଦୀନବନ୍ଧୁ କହଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁମୁଦ ଚନ୍ଦ୍ର ମଲ୍ଲିକ, ବିଜୟ କୃଷ୍ଣ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ । କୁଇ କବି ସୁଦର୍ଶନ କହଁର, ବଳି କହଁର, ଭୃଙ୍ଗରାଜ କହଁର, ଈଶ୍ୱର ମିଣ୍ୟାକା (କୋଲରାପୁଟ), ବୁଲୁ ହିକାକା (କୋରାପୁଟ), ଉଦୟନାଥ ପ୍ରଧାନ, ପ୍ରଦୀପ କହଁର, ଗଣପତିମଲ୍ଲିକ, କରୁଣାକର ପ୍ରଧାନ, ରାମଚନ୍ଦ୍ର କହଁରଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କୁଇ କବି ସ୍ୱରଚିତ କବିତା ପାଠ କରିଥିଲେ । ଏସିଆ କହଁର ମଞ୍ଚ ପରିଚାଳନା, ଅବନୀ କୁମାର କହଁର ଧନ୍ୟବାଦ ଦେଇଥିଲେ।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ରାଇକିଆ,୨୮।୧(ଡି.ଏନ.ଏ)**

କନ୍ଧମାଳ ଜିଲା ରାଇକିଆଠାରେ ଶନିବାର ଜି ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ରାଇକିଆ ଥାନା ସମ୍ମୁଖରେ ଯାତ୍ରୀ ବିଶ୍ରାମାଗାର, ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଆଶାର ଆଲୋକ ସିଲେଇ କେନ୍ଦ୍ରର ନୂତନ କୋଠା, ଜୀବନ ଜ୍ୟୋତି ମହାବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ, ଆଦର୍ଶ ପାଠାଗାର ଏବଂ ଗମାଣ୍ଡି ଗ୍ରାମରେ ଅଙ୍ଗନବାଡ଼ି ଗୃହକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରାଇକିଆ ବ୍ଲକ ଅଧକ୍ଷ ପ୍ରିତମ ପ୍ରଧାନ, ଉପାଧକ୍ଷା ରିନା ପ୍ରଧାନ, ରାଇକିଆ ସରପଞ୍ଚ ଗୀତାଞ୍ଜଳୀ ନାୟକ, ବିଡିଓ ଶରତ ପାତ୍ର ଯୋଗ ଦେଇଥିଲେ।

# ରାମେଶ୍ୱର ହାଇସ୍କୁଲରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ସମ୍ବର୍ଦ୍ଧିତ ବ୍ୟକ୍ତି।

**କବିସୂର୍ଯ୍ୟନଗର,୨୮।୧(ଡି.ଏନ.ଏ.)**

କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ଗଙ୍ଗାପୁର ପଞ୍ଚାୟତ ବଡଆଗୁଳ ରାମେଶ୍ୱର ହାଇସ୍କୁଲଠାରେ ଖବରଦାତା ବାଳକୃଷ୍ଣ ପଟ୍ଟନାୟକଙ୍କ ଅଧକ୍ଷତାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ପ୍ରଧାନ ଶିକ୍ଷକ ପଞ୍ଚାନନ ନାୟକ, ସମ୍ମାନିତ ଅତିଥି ଅବସର ଶିକ୍ଷକ ଶରତ ଚନ୍ଦ୍ର ସାହୁ, କୁଞ୍ଜବିହାରୀ ମହାନ୍ତି, ଉତ୍ତମ ଗୌଡ଼, ସ୍କୁଲ ପରିଚାଳନା ସଭାପତି ରୋହିତ କୁମାର ଗୌଡ଼, ଉପସଭାପତି ଉତ୍ତମ କରଣ ଆଦି ଯୋଗ ଦେଇ ଗୁଣାତ୍ମକ ଶିକ୍ଷାର ବିକାଶ ନିମନ୍ତେ ବହୁ ଉପଦେଶ ଦେଇଥିଲେ। ସଦସ୍ୟ ସୁଶୀଲ କୁମାର ଗୌଡ଼ ସଂଯୋଜନା କରିଥିଲେ। ଏହି ଶିକ୍ଷା ବର୍ଷର ମାଟ୍ରିକ ଟପ୍ପର ଗିରିଜା ଗୌଡ଼, ଓମ୍ ପ୍ରସାଦ ରାଉତ, ବୈଶାଖୀରାଣୀ ସ୍ୱାଇଁ, ଶିଖା ପରିଡାଙ୍କ ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ସଫଳ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି।

# ଯୁକ୍ତ୩ ତୃତୀୟ ସେମିଷ୍ଟର ପରୀକ୍ଷାରେ ଅନେକ ପେପର ବ୍ୟାକ୍

**ଭଞ୍ଜନଗର,୨୮।୧(ଡି.ଏନ୍.ଏ)**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁକ୍ତ୩ ତୃତୀୟ ସେମିଷ୍ଟର କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷାଫଳ ଶୁକ୍ରବାର ଅପରାହ୍ନରେ ପ୍ରକାଶ ପାଇଛି । ଏଥିରେ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଅନେକ ଛାତ୍ରୀଛାତ୍ରଙ୍କ ପେପର ବ୍ୟାକ୍ ଅଛି, ଯାହାକୁ ନେଇ ଶନିବାର ଛାତ୍ରୀଛାତ୍ରମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଛାତ୍ରୀଛାତ୍ରମାନେ ଭାଗ ଭାଗ ହୋଇ ପର୍ଯ୍ୟାୟକ୍ରମେ ଅଧକ୍ଷ ରାଜେନ୍ଦ୍ର ଦାସ, ପ୍ରଶାସନିକ ଅଧିକାରୀ ପ୍ରାଧାପକ ସାତ୍ୟକୀ ସାହୁ, ଶୈକ୍ଷିକ ପରିଷଦ ଅଧିକାରୀ ପ୍ରାଧାପକ ବିଭାସ ଦାସଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ରମାନଙ୍କ ଅଭିଯୋଗ ଅନୁଯାୟୀ, ସମ୍ମାନ କୋର ୫, ୬ ଓ ୭ ପେପରରେ ଆମେ ଭଲ ମାର୍କ ରଖିଛୁ। ଅଥଚ ଜିଇ ପେପରରେ ବହୁତ କମ୍ ମାର୍କ ଦିଆଯାଇଛି। ଏହାଦ୍ୱାରା ଆମର ପେପର ବ୍ୟାକ୍ ହୋଇଯାଇଛି। ମୂଲ୍ୟାଙ୍କନରେ ତ୍ରୁଟି ଯୋଗୁ ଏଭଳି ସମସ୍ୟା ଦେଖାଦେଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଆମ ସମସ୍ୟା ପ୍ରତି ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ସେହିଭଳି ବାଣିଜ୍ୟ ଏବଂ କଳା ବିଭାଗ ଛାତ୍ରୀଛାତ୍ରମାନେ ମଧ ମିଳିଥିବା ମାର୍କକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବାଣିଜ୍ୟ କୋର ପେପରରେ ଅଧିକାଂଶ ଛାତ୍ରୀଛାତ୍ରଙ୍କ ବ୍ୟାକ୍ ଅଛି । କଳାର ଅଧିକାଂଶ ଛାତ୍ରୀଛାତ୍ରଙ୍କ କମ୍ୟୁନିକେଟିଭ୍ ଇଂରାଜୀ ପେପରରେ ବ୍ୟାକ୍ ଅଛି। ଚଳିତବର୍ଷର ତୃତୀୟ ସେମିଷ୍ଟର ପରୀକ୍ଷା ପାଇଁ ଫର୍ମ ପୂରଣ ଚାଲିଛି। ଏହାପୂର୍ବରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କିଛି ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ଅପରପକ୍ଷେ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ପରୀକ୍ଷା ଏବଂ ବ୍ୟାକ୍ ପେପର ପରୀକ୍ଷାଫଳ ନିର୍ଦ୍ଧାରିତ ସମୟରେ ପ୍ରକାଶିତ ହେଉନଥିବା ଯୋଗୁ ଅନେକ ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ତୃତୀୟ ସେମିଷ୍ଟର ପରୀକ୍ଷା ଫେବୃୟାରୀ ଶେଷ ସପ୍ତାହ କିମ୍ବା ମାର୍ଚ୍ଚ ପ୍ରଥମ ସପ୍ତାହରେ ହେବାର ସମ୍ଭାବନା ରହିଛି। ଉକ୍ତ ପରୀକ୍ଷାଫଳ ଷଷ୍ଠ ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶନ ପୂର୍ବରୁ ପ୍ରକାଶିତ କରାଯାଉ। ନଚେତ୍ ବର୍ତ୍ତମାନ ଯେଉଁ ଛାତ୍ରୀଛାତ୍ର ବ୍ୟାକ୍‌ପେପର ଫର୍ମ ପୂରଣ କରିଥିବେ, ସେମାନେ ଷଷ୍ଠ ସେମିଷ୍ଟର ପେପର କ୍ଲିଅର କଲେ ମଧ ପେପର ବ୍ୟାକ୍ ହିଁ ରହିଥାଏ। ତେଣୁ ସେମିଷ୍ଟର ପରୀକ୍ଷାଗୁଡ଼ିକ ନିର୍ଦ୍ଧାରିତ ସମୟରେ କରିବାର ଆବଶ୍ୟକତା ରହିଛି । ଅପରପକ୍ଷେ ଅଧକ୍ଷ ରାଜେନ୍ଦ୍ର ଦାସ ସମସ୍ୟା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବି ବୋଲି ଆଶ୍ୱାସନା ଦେଇଛନ୍ତି।

## ଅଧକ୍ଷଙ୍କୁ ସମସ୍ୟା ଜଣାଇଲେ ଛାତ୍ରୀଛାତ୍ର


ଛାତ୍ରୀଛାତ୍ରମାନେ ଅଧକ୍ଷଙ୍କୁ ସମସ୍ୟା ଅବଗତ କରାଉଛନ୍ତି ।

